୬ ଆଇପିଏଲରୁ ଅବସର ନେଲେ ମହେନ୍ଦ୍ର ସିଂହ ଧୋନୀ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

ସମ୍ବାଦ କଳିକା

The Sambad Kalika

e-paper www.sambadkalika.in

TM

E-mail : sambadkalikanews@gmail.com

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper
NS-EN ISO 9001:2008

ବିଦ୍ୟାର୍ଥେ ବାଧିକାରସ୍ତେ ମା ଫଳେଷୁ କଦାଚନ

ଅକ୍ଟୋ ୦୦.୨ : ୩୪୪ ଷ୍ଟିଚ୍

8 Pages, ₹ 2.00

● ବର୍ଷ–ତ୍ରୀତ୍ରି ● ସଂଖ୍ୟା–୨୮୭ ● ୧୮ ନଭେମ୍ବର ୨୦୨୬ ବୁଧବାର ● ଭୁବନେଶ୍ୱର ● Vol -33 ● Issue-287 ● 18th November 2026, Wednesday ● Bhubaneswar RNI Regd.No. : 52640/94 Postal Regd.No. : BN-60/25-27


ବାତ୍ୟା 'ଅକଭାନ' ମୁକାବିଲା ପାଇଁ ରାଜ୍ୟ ସରକାରଙ୍କ ବ୍ୟାପକ ପ୍ରସ୍ତୁତି

ସ୍ଥାନାନ୍ତର, ଚିଲିଫ୍ ଓ ଉଦ୍ଧାର କାର୍ଯ୍ୟ ପାଇଁ ୬.୫୦ କୋଟି ମଞ୍ଜୁର

ଭୁବନେଶ୍ୱର, ୧୭।୧୧
ନ୍ୟୁଜ୍ ବ୍ୟୁରୋ

ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ବାତ୍ୟା 'ଅକଭାନ'ର ସମ୍ଭାବ୍ୟ ପ୍ରଭାବକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ କରାଯାଇଛି। ବାତ୍ୟାର ମୁକାବିଲା ପାଇଁ 'ଜିରୋ କାଜୁଆଲଟି'କୁ ମୁଖ୍ୟ ଲକ୍ଷ୍ୟ ରଖି ଜିଲ୍ଲା ପ୍ରଶାସନଠାରୁ ଆରମ୍ଭ କରି ବିଭିନ୍ନ ବିଭାଗକୁ ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି।

ଭାରତୀୟ ପାଣିପାଗ ବିଭାଗର ଆଞ୍ଚଳିକ ନିର୍ଦ୍ଦେଶିକା ମନୋରମା ମହାନ୍ତିଙ୍କ ସୂଚନା ଅନୁଯାୟୀ, ମଙ୍ଗଳବାର ସକାଳ ୮ଟା ୩୦ ସୁଦ୍ଧା ବାତ୍ୟା 'ଅକଭାନ' ଗୋପାଳପୁରଠାରୁ ପ୍ରାୟ ୭୯୦ କିଲୋମିଟର ଦକ୍ଷିଣରେ କେନ୍ଦ୍ରୀଭୂତ ହୋଇ ଘଣ୍ଟାପ୍ରତି ୩ କିଲୋମିଟର ବେଗରେ ଉତ୍ତର-ଉତ୍ତରପଶ୍ଚିମ ଦିଗରେ ଗତି କରୁଛି। ଏହା ସନ୍ଧ୍ୟା ସୁଦ୍ଧା ଭୀଷଣ ବାତ୍ୟା



ଏବଂ ଆସନ୍ତା ଗୁରୁବାର ସକାଳ ସୁଦ୍ଧା ଅତି ଭୀଷଣ ବାତ୍ୟାର ରୂପ ନେବାର ସମ୍ଭାବନା ରହିଛି। ୨୦ ତାରିଖ ମଧ୍ୟାହ୍ନରେ ଏହା ନେଲୋର ଓ ଟୁନି ମଧ୍ୟରେ ଆନ୍ଧ୍ରପ୍ରଦେଶ-ୟାନମ୍ ଉପକୂଳ ଅତିକ୍ରମ କରିପାରେ। ସ୍ଥଳଭାଗ ଛୁଇଁବା ସମୟରେ ପବନର ବେଗ ଘଣ୍ଟାପ୍ରତି ୧୨୦ରୁ ୧୩୦ କିଲୋମିଟର ଏବଂ ଝଟକା ପବନର ବେଗ ୧୪୫ କିଲୋମିଟର ପର୍ଯ୍ୟନ୍ତ ରହିପାରେ।

ବାତ୍ୟାର ପ୍ରଭାବରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ପ୍ରବଳ ବର୍ଷା ଆଶଙ୍କା ରହିଛି। ୧୮-୧୯ ତାରିଖରେ ଗଞ୍ଜାମ, ଗଜପତି, ପୁରୀ ଓ ପାର୍ଶ୍ୱବର୍ତ୍ତୀ ଜିଲ୍ଲାଗୁଡ଼ିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ୧୯-୨୦ରେ କେନ୍ଦ୍ରାପଡ଼ା, ଜଗତସିଂହପୁର, ଗଜପତି, ଗଞ୍ଜାମ ଓ ପୁରୀ, ୨୦-୨୧ରେ ରାୟଗଡ଼ା, କୋରାପୁଟ, ମାଲକାନଗିରି, ଗଜପତି ଓ ଗଞ୍ଜାମ ଏବଂ ୨୧-୨୨ରେ ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ନୂଆପଡ଼ା, ନବରଙ୍ଗପୁର ଓ କୋରାପୁଟ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି।

ସମ୍ଭାବ୍ୟ ବିପଦକୁ ଦୃଷ୍ଟିରେ ରଖି ଗଞ୍ଜାମ, ଗଜପତି, ପୁରୀ, କନ୍ଧମାଳ, ରାୟଗଡ଼ା, କୋରାପୁଟ, ମାଲକାନଗିରି ଓ ନବରଙ୍ଗପୁର ଆଦି ୮ଟି ଜିଲ୍ଲାର ୮୭ଟି ସମ୍ବେଦନଶୀଳ ବ୍ଲକ୍ ଏବଂ ୧,୯୦୨ଟି ବିପଦପ୍ରବଣ ଭୂସ୍ଖଳନ ସ୍ଥାନ ଚିହ୍ନଟ ହୋଇଛି। ଏହି ଅଞ୍ଚଳରୁ ସମ୍ଭାବ୍ୟ ୨,୦୪,୦୭୦ ଜଣଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବାକୁ ଲକ୍ଷ୍ୟ ରହିଛି। ଏଥିମଧ୍ୟରୁ ଗଞ୍ଜାମରୁ ୧,୨୧,୫୯୭, ଗଜପତିରୁ ୨୫ ହଜାର, ପୁରୀରୁ ୨୪,୦୭୬, କନ୍ଧମାଳରୁ ୧୦,୨୪୦ ଏବଂ ମାଲକାନଗିରିରୁ ୧୦ ହଜାର ଲୋକଙ୍କୁ ସ୍ଥାନାନ୍ତର କରିବାର ଆକଳନ କରାଯାଇଛି। ମଙ୍ଗଳବାର *(ପୃଷ୍ଠା ୭ରେ)*

ମୋଦୀଙ୍କୁ ଉଚ୍ଚ ପ୍ରଶଂସା କଲେ ଟ୍ରମ୍ପ

ମାନିଲା, ୧୭।୧୧

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ପୁଣି ବିଶ୍ୱ ମଞ୍ଚରେ ପ୍ରଶଂସା କରିଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ମୋଦୀଙ୍କୁ ସେ ଜଣେ ଅତ୍ୟନ୍ତ ଦୃଢ଼ ବ୍ୟକ୍ତି ଓ ମହାନ୍ ବନ୍ଧୁ ବୋଲି କହିଛନ୍ତି। ଫିଲିପାଇନ୍ସର ମାନିଲାରେ ମୋଦୀ ଓ ଟ୍ରମ୍ପ ଜାପାନ-ଅଷ୍ଟ୍ରେଲିଆ ସହ କ୍ୱାଡ ଆଲୋଚନା ପାଇଁ ଏକାଠି ହୋଇଥିବା ବେଳେ ଟ୍ରମ୍ପଙ୍କ ମୁହଁରୁ ମୋଦୀଙ୍କ ପ୍ରଶଂସା ଶୁଣିବାକୁ ମିଳିଛି।

ଟ୍ରମ୍ପ କହିଛନ୍ତି, "ପ୍ରଧାନମନ୍ତ୍ରୀ ମୋଦୀ ହେଉଛନ୍ତି ଜଣେ ଅତ୍ୟନ୍ତ ଦୃଢ଼ ବ୍ୟକ୍ତି। ସେ ଜଣେ ମହାନ ନେତା ଓ ମୋର ଜଣେ ମହାନ ବନ୍ଧୁ।" ପ୍ରାୟ ଦୁଇ ବର୍ଷ ତଳେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ବୁଝାମଣା ଦକ୍ଷତାକୁ ଟ୍ରମ୍ପ ସମାନ ଢଙ୍ଗରେ ପ୍ରଶଂସା କରିଥିଲେ।

୨୦୨୫ ଫେବୃଆରୀରେ ଟ୍ରମ୍ପ ହ୍ୱାଇଟ ହାଉସରେ କହିଥିଲେ ଯେ ପ୍ରଧାନମନ୍ତ୍ରୀ ମୋଦୀ ମୋ ଠାରୁ ଜଣେ କଠୋର ବା ଦୃଢ଼ ଆଲୋଚନାକାର। ଜୁନ ମାସରେ ଆୟୋଜିତ ଜି-୭ ଶିଖର ସମ୍ମିଳନୀରେ ମଧ୍ୟ ସେ ପ୍ରଧାନମନ୍ତ୍ରୀଙ୍କୁ ଅତ୍ୟନ୍ତ କଠୋର ବା ଦୃଢ଼ ବୁଝାମଣାକାରୀ ବୋଲି କହିଥିଲେ। ଭାରତ-ଆମେରିକା ବାଣିଜ୍ୟ ଡିଲ୍ ସମ୍ପର୍କରେ ପ୍ରଶ୍ନ କରାଯିବାରୁ ତାଙ୍କ ମୁହଁରୁ ଏକଥା ଶୁଣିବାକୁ ମିଳିଥିଲା।

ଏବେ ସେ ପୁଣି ସମାନ କଥା ଦୋହରାଇଛନ୍ତି। ମଙ୍ଗଳବାର ମାନିଲାରେ



ଆୟୋଜିତ ଏସିଆନ ଶିଖର ସମ୍ମିଳନୀ ଅବସରରେ ୪ କ୍ୱାଡ ଦେଶର ନେତା ପରସ୍ପରକୁ ଭେଟିଥିଲେ। ଏହାର ଅଧ୍ୟକ୍ଷତା ଫିଲିପାଇନ୍ସ କରୁଥିବା ବେଳେ ୨ ବର୍ଷ ମଧ୍ୟରେ ଏହାର କ୍ୱାଡର ପ୍ରଥମ ବୈଠକ।

କ୍ୱାଡ ଗଠନ ହେବା ପରେ ୪ ଦେଶ ମଧ୍ୟରେ ସହଭାଗିତା ବୃଦ୍ଧି ପାଇଥିବା ଟ୍ରମ୍ପ କହିଛନ୍ତି। ଏଥିସହ ସାରା ବିଶ୍ୱରେ ଏହି ମୋଣ୍ଡ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବୋଲି ସେ ମତ ରଖିଛନ୍ତି। କ୍ୱାଡ ଦେଶଗୁଡ଼ିକ ଆଞ୍ଚଳିକ ସୁରକ୍ଷା ଓ ଅର୍ଥନୀତିକ କୂଟନୀତି ପରସ୍ପର ସହ ଯୋଡ଼ି ହୋଇ କାର୍ଯ୍ୟ କରୁଥିବା ମଧ୍ୟ ସେ କହିବାକୁ ପଛାଇ ନାହାନ୍ତି।

କ୍ୱାଡ କୃତ୍ରିମ ବୁଦ୍ଧିମତା ବା ଏସଆଇ ଆକ୍ସିଲେଟର ଲଞ୍ଚ କରିବ। ଏଥିପାଇଁ ଟ୍ରମ୍ପ ୮୫ ମିଲିୟନ ଡଲାରର ଆର୍ଥିକ ସହାୟତା ଘୋଷଣା କରିଛନ୍ତି। ଆଗାମୀ ଦିନରେ ୪ କ୍ୱାଡ ଦେଶ ମିଳିତ ଭାବେ ସାମୁଦ୍ରିକ ସୁରକ୍ଷା ପାଇଁ ସାମରିକ ଅଭ୍ୟାସ କରିବେ ବୋଲି ମଧ୍ୟ ସେ କହିଛନ୍ତି।

ବିରଳ ମୃତ୍ତିକା ସମ୍ପର୍କରେ ଟ୍ରମ୍ପ କହିଛନ୍ତି ଯେ ଆମେରିକା, ଜାପାନ ଓ ଭାରତ ଉତ୍ପାଦନ ବୃଦ୍ଧି କରିବାରେ ଲାଗିଛନ୍ତି। ଆଗାମୀ ୧୦ ମାସ ମଧ୍ୟରେ ଆବଶ୍ୟକତା ଅନୁସାରେ ସପ୍ଲାଏ ମଧ୍ୟ କରିବ। ଆମେ ଯାହା ଚାହୁଁଛୁ, ତା'କୁ ୧୦ ମାସ ମଧ୍ୟରେ ହାସଲ କରିବୁ ବୋଲି ଦମ୍ଭୋକ୍ତି କରିଛନ୍ତି ଟ୍ରମ୍ପ।

ଏପଟେ ପ୍ରଧାନମନ୍ତ୍ରୀ ମୋଦୀ କ୍ୱାଡକୁ ଗୋଟିଏ ଗଠନମୂଳକ ଓ ବିଶ୍ୱାସରେ ଭରପୂର ଭାଗିଦାରୀ ଭାବେ ଚିତ୍ରଣ କରିଛନ୍ତି। ସାମୁଦ୍ରିକ ସୁରକ୍ଷା, ଯୋଗାଣ ଶୃଙ୍ଖଳ, ନୂଆ ଟେକ୍ନୋଲୋଜି ଓ ବିପର୍ଯ୍ୟୟ ପ୍ରଶମନ ଦିଗରେ କ୍ୱାଡ ଦେଶଗୁଡ଼ିକ କାର୍ଯ୍ୟ କରୁଥିବା ସେ ସଙ୍କେତ ଦେଇଛନ୍ତି। କ୍ୱାଡ ଦେଶର ଅଧିକାରୀମାନେ ପ୍ରଥମଥର ୨୦୦୭ରେ ମାନିଲାରେ କେମିତି ପରସ୍ପରକୁ ଭେଟିଥିଲେ, ସେକଥା ମନେ ପକାଇଛନ୍ତି ମୋଦୀ।

ଆଜିର ମୁଖ୍ୟ ଖବର

- ରାଜଧାନୀରେ ଆମ୍ବୁଲାନ୍ସକୁ ଧକ୍କା ଦେଲା ସିମେଣ୍ଟ ଢ଼ଳେଇ ମିକ୍ସର ଗାଡି।
- କୋଲକାତା : ଡିସେମ୍ବର ୨୯ରେ କୋଲକାତାର ବ୍ରିଗେଡ୍ ମଇଦାନରେ ୧୦ ଲକ୍ଷ ଲୋକ କରିବେ ଗୀତା ପାଠ, ମୁଖ୍ୟମନ୍ତ୍ରୀଙ୍କ ବଡ଼ ଘୋଷଣା।
- ମଧ୍ୟପ୍ରଦେଶରୁ ରାଜ୍ୟସଭା ସଦସ୍ୟ ଭାବେ ଶପଥ ନେଲେ ହରଦୀପ ସିଂହ ପୁରୀ।
- ନୂଆଦିଲ୍ଲୀ : ଡିଜେଲ ଓ ବିମାନ ଇନ୍ଧନ ରପ୍ତାନୀ ଉପରେ ୱିଣ୍ଡଫଲ୍ ଟ୍ୟାକ୍ସ ବୃଦ୍ଧି କଲେ କେନ୍ଦ୍ର ସରକାର, ନୂତନ ଦର ଲାଗୁ।
- ଭାରତ-ଇଜିପ୍ଟ ଦ୍ୱିପାକ୍ଷିକ ବାଣିଜ୍ୟକୁ ୧୨ ବିଲିୟନ ଡଲାରରେ ପହଞ୍ଚାଇବା ଲକ୍ଷ୍ୟ, ନିବେଶ ଓ ଶିଳ୍ପ ସହଯୋଗ ବୃଦ୍ଧି ନେଇ ସହମତି।
- ୟୁକ୍ରେନ୍ ଆକ୍ରମଣରେ ୩୦ ହଜାର କୋଟିରେ ନିର୍ମିତ କ୍ରିମିଆ ସେତୁର ବଡ଼ ଅଂଶ ଧ୍ୱଂସ।

ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୩,୬୦୪ (-୭୬)
୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୨,୪୭୦ (-୭୦)
୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୦,୨୦୩ (-୫୭)

ରୁପା ଦର

ରୂପା – ପ୍ରତି ଗ୍ରାମ ୧୯୦ (+୦)

ମିଶନ ଶକ୍ତି ମହିଳାଙ୍କୁ ମିଳିଲା ସୁଭଦ୍ରା ଶକ୍ତି ବ୍ରାଣ୍ଡ

୨୦,୦୦୦ କୋଟି ଟଙ୍କାର ବ୍ୟାଙ୍କ ଋଣ ଲକ୍ଷ୍ୟ



ଭୁବନେଶ୍ୱର, ୧୭।୧୧
ନ୍ୟୁଜ୍ ବ୍ୟୁରୋ

ରାଜ୍ୟର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଆର୍ଥିକ ସଶକ୍ତିକରଣ, ଉଦ୍ୟୋଗ ବିକାଶ ଓ ସ୍ଥାୟୀ ଜୀବିକା ସୃଷ୍ଟିକୁ ଅଧିକ ଗତିଶୀଳ କରିବା ଲକ୍ଷ୍ୟରେ ମିଶନ ଶକ୍ତି ବିଭାଗ ପକ୍ଷରୁ ମଙ୍ଗଳବାର ଭୁବନେଶ୍ୱରସ୍ଥିତ ମିଶନ ଶକ୍ତି ଭବନଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୩,୨୬,୩୬୮ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୨୪୭.୩୪ କୋଟି ଟଙ୍କାର ସୁଧ ଫେରନ୍ତ ସହାୟତା ପ୍ରଦାନ କରାଯାଇଛି। ଏଥିସହ ୨୭ଟି ଜିଲ୍ଲାର ୮,୯୨୭ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୧୬.୦୩ କୋଟି ଟଙ୍କାର ଆବର୍ତ୍ତନ ପାଣ୍ଠି, ୨୨ଟି ଜିଲ୍ଲାର ୨୦୪ଟି ଗ୍ରାମପଞ୍ଚାୟତସ୍ତରୀୟ ମହାସଂଘକୁ ୬୦.୪୦ କୋଟି ଟଙ୍କାର ଗୋଷ୍ଠୀ *(ପୃଷ୍ଠା ୭ରେ)*

ଆଜିଠୁ ବିଧାନସଭାର ଶୀତ ଅଧିବେଶନ

ସବୁ ଦଳର ସହଯୋଗ ଲୋଡିଲେ ବାଚସ୍ପତି



ଭୁବନେଶ୍ୱର, ୧୭।୧୧
ନ୍ୟୁଜ୍ ବ୍ୟୁରୋ

ବୁଧବାରଠାରୁ ଆରମ୍ଭ ହେଉଥିବା ଓଡ଼ିଶା ବିଧାନସଭାର ଶୀତକାଳୀନ ଅଧିବେଶନକୁ ସୁରୁଖୁରୁରେ ପରିଚାଳନା କରିବା ନେଇ ଅନୁଷ୍ଠିତ ସର୍ବଦଳୀୟ ବୈଠକରେ ବାଚସ୍ପତି ସୁରମା ପାଢ଼ୀ ଗୃହର କାର୍ଯ୍ୟକ୍ରମକୁ ଶାନ୍ତିପୂର୍ଣ୍ଣ ଓ ସୁରୁଖୁରୁରେ ଚଳାଇବା ଉପରେ ସବୁ ଦଳର ସହଯୋଗ ଲୋଡିଛନ୍ତି। ଏହି ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ, ସଂସଦୀୟ ବ୍ୟାପାର ମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗ, ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ସମେତ ବିରୋଧୀ ଦଳର ମୁଖ୍ୟ ସଚେତକ ଓ କଂଗ୍ରେସ ବିଧାୟକ ଦଳର ନେତା ଓ ବିଧାୟକମାନେ ଉପସ୍ଥିତ ଥିଲେ।

ବୈଠକ ପରେ ସଂସଦୀୟ ବ୍ୟାପାର ମନ୍ତ୍ରୀ କହିଛନ୍ତି ଯେ, ବିରୋଧୀ ଦଳ ପକ୍ଷରୁ ଆସୁଥିବା ପ୍ରସ୍ତାବଗୁଡ଼ିକ ଉପରେ ଆଲୋଚନା କରାଯିବ। ଓଡ଼ିଶାର ସ୍ୱାର୍ଥ ସମ୍ବଳିତ ଯେକୌଣସି ପ୍ରସଙ୍ଗ ଗୃହରେ ଉଠିଲେ ତାହାକୁ ନେଇ ଆଲୋଚନା ହେବ। ଚଳିତ ଶୀତ ଅଧିବେଶନରେ ମୋଟ ୫ଟି ବିଲ୍ ଆଗତ ହେବାର କାର୍ଯ୍ୟକ୍ରମ ରହିଛି। ବିରୋଧୀ ଦଳ ପକ୍ଷରୁ ଦିଆଯାଇଥିବା ମୋସନ୍ ଉପରେ ବାଚସ୍ପତିଙ୍କ ନିଷ୍ପତ୍ତି ପରେ ଆଲୋଚନା ହେବ ବୋଲି ସେ ସ୍ପଷ୍ଟ କରିଛନ୍ତି।

ସେହିପରି ମୁଖ୍ୟ ବିରୋଧୀ ଦଳ ବିଜେଡି ପକ୍ଷରୁ ବାତ୍ୟା ଓ ବନ୍ୟା ପ୍ରସଙ୍ଗରେ ମୋସନ୍ ଅଣାଯାଇଥିବା ବିରୋଧୀ ଦଳର ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ସୂଚନା ଦେଇଛନ୍ତି। ଏହି ପ୍ରସଙ୍ଗର ଗୁରୁତ୍ୱକୁ ଦୃଷ୍ଟିରେ ରଖି ଅନ୍ୟ ସମସ୍ତ କାର୍ଯ୍ୟକ୍ରମ ବାତିଲ କରି ଏହା ଉପରେ ଆଲୋଚନା କରିବାକୁ ଦଳ ଦାବି କରିଛି ବୋଲି ସେ କହିଛନ୍ତି। *(ପୃଷ୍ଠା ୭ରେ)*

ବିଧାନସଭାରେ ଲୋକଙ୍କ ସ୍ୱର ସାଜିବାକୁ ବିଧାୟକଙ୍କୁ ନବୀନଙ୍କ ଆହ୍ୱାନ

ଭୁବନେଶ୍ୱର, ୧୭।୧୧
ନ୍ୟୁଜ୍ ବ୍ୟୁରୋ

ଡବଲ୍ ଇଞ୍ଜିନ୍ ସରକାର ଓଡ଼ିଶାବାସୀଙ୍କ ସମସ୍ତ ଆଶା ଓ ଭରସାକୁ ଭାଙ୍ଗି ଦେଇଛି। ଗତ ଅଢ଼େଇ ବର୍ଷ ମଧ୍ୟରେ ଏ ସରକାର ଲୋକଙ୍କ ବିଶ୍ୱାସ ହରାଇଛି। ବିଧାନସଭାର ଶୀତ ଅଧିବେଶନ ଅବ୍ୟବହିତ ପୂର୍ବରୁ ମଙ୍ଗଳବାର ଶଙ୍ଖ ଭବନଠାରେ ବିଜେଡିର ବିଧାୟକ ଦଳ ବୈଠକରେ ଅଧ୍ୟକ୍ଷତା କରି ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ ଲୋକଙ୍କ ସ୍ୱର ସାଜିବାକୁ ଦଳୀୟ ବିଧାୟକମାନଙ୍କୁ ଆହ୍ୱାନ ଦେଇଛନ୍ତି। *(ପୃଷ୍ଠା ୭ରେ)*

ଭାସ୍କର ଜ୍ୟୋତି ଶର୍ମାଙ୍କୁ ଓଏଫ୍‌ଡିସି ଅଧ୍ୟକ୍ଷ ଦାୟିତ୍ୱ

ଭୁବନେଶ୍ୱର, ୧୭।୧୧
ନ୍ୟୁଜ୍ ବ୍ୟୁରୋ

ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ପ୍ରମୁଖ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମାଙ୍କୁ ଓଡ଼ିଶା ବନ ଉନ୍ନୟନ ନିଗମ (ଓଏଫଡିସି)ର ଅଧ୍ୟକ୍ଷ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି।

ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଓ ଜନଅଭିଯୋଗ ବିଭାଗ ପକ୍ଷରୁ ମଙ୍ଗଳବାର ଏନେଇ ବିଜ୍ଞପ୍ତି ପ୍ରକାଶ ପାଇଛି।

ଉତ୍ତରାଖଣ୍ଡରେ ଦୁର୍ଘଟଣା : ୧୭ ମୃତ

ଡେରାଡୁନ, ୧୭।୧୧

ଉତ୍ତରାଖଣ୍ଡର ଟିହରି ଗଡ଼ୱାଲ ଓ ରୁଦ୍ରପ୍ରୟାଗ ଜିଲ୍ଲାରେ ମାତ୍ର ୮ ଘଣ୍ଟା ମଧ୍ୟରେ ଘଟିଛି ୫ଟି ସଡ଼କ ଦୁର୍ଘଟଣା। ଏଥିରେ ୧୭ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୩୮ ଜଣ ଆହତ ହୋଇଛନ୍ତି। ସୋମବାର ରାତିରୁ ମଙ୍ଗଳବାର ସକାଳ ମଧ୍ୟରେ ଏହି ଦୁର୍ଘଟଣାଗୁଡ଼ିକ ଘଟିଛି। ସବୁଠାରୁ ଭୟଙ୍କର ଦୁର୍ଘଟଣା ଟିହରି ଜିଲ୍ଲାର ଋଷିକେଶ-ବଦ୍ରିନାଥ



ଜାତୀୟ ରାଜପଥରେ ଘଟିଛି।

ମଙ୍ଗଳବାର ଭୋର ପ୍ରାୟ ୪ଟା ୩୦ରୁ ୫ଟା ୧୫ ମଧ୍ୟରେ ମୁନି କି ରେତି ଅଞ୍ଚଳର ଗୁଲର ବଜାର ନିକଟରେ ଏକ ଯାତ୍ରୀବାହୀ ବସ୍ ଗୁଲର ପୋଲରୁ ପ୍ରାୟ ୧୦୦ ମିଟର ତଳକୁ ଖାଇରେ ଖସିପଡ଼ିଥିଲା। ହରିଦ୍ୱାରରୁ ଚମୋଲି ଜିଲ୍ଲାର ଯୋଶୀମଠ ଯାଉଥିବା ଏହି ବସ୍‌ରେ ୩୪ ଜଣ ଯାତ୍ରୀ ଥିଲେ। ଦୁର୍ଘଟଣାରେ ୯ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୨୫ ଜଣ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ବସ୍ ଚାଳକ ରାଜେନ୍ଦ୍ର ସିଂହ ଓ ପରିଚାଳକ ଅନୁଜ ଭଣ୍ଡାରୀ ଅଛନ୍ତି। ଅନ୍ୟ ମୃତକଙ୍କ ମଧ୍ୟରେ ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ, ଉତ୍ତରାଖଣ୍ଡ ଓ ମଧ୍ୟପ୍ରଦେଶର ଯାତ୍ରୀ ରହିଛନ୍ତି।

ଗଞ୍ଜାମ ମୃତକଙ୍କ ପରିବାର ପାଇଁ ମୁଖ୍ୟମନ୍ତ୍ରୀଙ୍କ ସହାୟତା

ଭୁବନେଶ୍ୱର, ୧୭।୧୧
ନ୍ୟୁଜ୍ ବ୍ୟୁରୋ

ଗଞ୍ଜାମ ଜିଲ୍ଲା ଧରାକୋଟ ତହସିଲର ମୁକେଶ ସେଠୀ (ପିତା - ସନ୍ତୋଷ କୁମାର ସେଠୀ)ଙ୍କର ଜୟପୁରଠାରେ ଦୁଃଖଦ ପ୍ରାଣହାନୀ ସମ୍ପର୍କରେ ଜାଣି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିବା ସହ ମୃତକଙ୍କ ପରିବାରବର୍ଗଙ୍କ ପ୍ରତି ଗଭୀର ସମବେଦନା *(ପୃଷ୍ଠା ୭ରେ)*

ସରକାରୀ କର୍ମଚାରୀଙ୍କ ପାଇଁ ୩ % ମହଙ୍ଗା ଭତ୍ତା ବୃଦ୍ଧି

ଭୁବନେଶ୍ୱର, ୧୭।୧୧
ନ୍ୟୁଜ୍ ବ୍ୟୁରୋ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ରାଜ୍ୟ ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତାରେ ୩% ବୃଦ୍ଧି ବିଷୟ ଘୋଷଣା କରିଛନ୍ତି। ଏହା ଫଳରେ ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତା ୬୦ ପ୍ରତିଶତରୁ ୬୩ ପ୍ରତିଶତକୁ ବୃଦ୍ଧି ପାଇଛି। ଏହା ଜୁଲାଇ ପହିଲା ୨୦୨୬ରୁ ପିଛିଲା ଭାବରେ ଲାଗୁ ହେବ। ଏହି ବର୍ଦ୍ଧିତ ମହଙ୍ଗା *(ପୃଷ୍ଠା ୭ରେ)*

ଏକାଳ ପଖାଳ



ବ୍ୟାଟ ଗ୍ଲୋବ୍ସ ଆଉ ଧରିବେନି କ୍ୟାପଟେନ୍ କୁଲ୍ ମାହି ଆଇପିଏଲ୍‌ରୁ ନେଲେ ଅବସର ଶୀର୍ଷରେ ଟିମ୍‌କୁ ଥୋଇ ଯେବେଯାଏ ଖେଳ ଥିବ ରହି ସେଯାଏ ଧୋନୀ ଜୟ ଜୟ କରି ସର୍ଭିଁଏ କରିବେ ଭୂରି ।

ବିଧାନସଭା ଅଧିବେଶନ ପାଇଁ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା



ଭୁବନେଶ୍ୱର, ୧୭।୧୧
ନ୍ୟୁଜ୍ ବ୍ୟୁରୋ

ବୁଧବାରଠାରୁ ଆରମ୍ଭ ହେବାକୁ ଥିବା ଓଡ଼ିଶା ବିଧାନସଭାର ସପ୍ତମ ତଥା ଶୀତକାଳୀନ ଅଧିବେଶନକୁ ଦୃଷ୍ଟିରେ ରଖି ରାଜ୍ୟ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଅଧିବେଶନ ସମୟରେ ଶାନ୍ତିଶୃଙ୍ଖଳା ଓ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ତ୍ରିସ୍ତରୀୟ ସୁରକ୍ଷା ବଳୟ ପ୍ରସ୍ତୁତ କରାଯାଇଛି। ଏଥିପାଇଁ ମୋଟ ୩୦ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ବ୍ୟବସ୍ଥା କରାଯାଇଛି।

ର

32 YEARS
ସମ୍ବାଦ ଜାହ୍ନବୀ
ଭୁବନେଶ୍ୱର, ୧୮ ନଭେମ୍ବର ୨୦୨୬ ବୁଧବାର



ଜିଲ୍ଲା ପ୍ରଶାସନ ପକ୍ଷରୁ ସଞ୍ଚୟ ଓ ସାଇବର ସଚେତନତା କାର୍ଯ୍ୟକ୍ରମ

ବରଗଡ଼, ନ୍ୟୁଜ୍ ବ୍ୟୁରୋ

ଜିଲ୍ଲା ଆର୍ଥିକ ସେବା ଓ ସଂଚୟ ସଂଗଠନ ବରଗଡ଼ ତରଫରୁ ଏକ 'ଆର୍ଥିକ ସାକ୍ଷରତା ଓ ସାଇବର ଠକେଇ କର୍ମଶାଳା' ଜିଲ୍ଲା ବରିଷ୍ଠ ନାଗରିକ ସଂଘ ଅଫିସ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ସଭାରମ୍ଭ ଉପସଭାପତି ନିମଳ କରଙ୍କ ତ୍ରିବାର ଓଁକାର ଉଚ୍ଚାରଣ ସହ ଓ ସଂଘ ସମ୍ପାଦକ ଗୋବିନ୍ଦ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରଗଡ଼ ଜିଲ୍ଲା ଆର୍ଥିକ ସାକ୍ଷରତା ଓ ସଞ୍ଚୟ ସେବା ଅଧିକାରୀ ଅମିତ ପ୍ରସାଦ ସ୍ୱାଗତ ଭାଷଣ ସହ ଜିଲ୍ଲା ପ୍ରଶାସନର ଆର୍ଥିକ ସାକ୍ଷରତା ଉପରେ ଆଭିମୁଖ୍ୟ ଓ ସଂଚୟର ବିଭିନ୍ନ ପ୍ରକାର ଓ ଦିଗକୁ ପ୍ରାଞ୍ଜଳ ଭାବରେ ଉଦାହରଣ ସହ ବୁଝାଇଥିଲେ ଓ ଅନ୍ୟତମ ବକ୍ତା ରାମନାରାୟଣ ପ୍ରଧାନ, ପୋଷ୍ଟାଲ ସୁପରିଟେଣ୍ଡେଣ୍ଟ ପ୍ରତିନିଧି ଡାକ ଘରରେ ବର୍ତ୍ତମାନ ପ୍ରଚଳିତ ନୂତନ ଉନ୍ନତ ସେବା, ବୀମା ଓ ବେଙ୍କ ଠାରୁ ବେଶୀ ସୁରକ୍ଷିତ ଓ ସୁଧ ଦେଉଥିବା ଯୋଜନା ଉପରେ ଆଲୋକପାତ କରିଥିଲେ । ବାସ୍ତବିକ ଅନେକ ରୋଚକ ତଥ୍ୟ ଉପସ୍ଥିତ ପଚାଶରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକଙ୍କ ଧ୍ୟାନ ଆକର୍ଷଣ କରିଥିଲା । ପ୍ରଶ୍ନୋତ୍ତର ମାଧ୍ୟମରେ ଆଲୋଚନା ଅନେକ ସମସ୍ୟାର ସମାଧାନ କରି ପାରିଥିଲା । ଉକ୍ତ କାର୍ଯ୍ୟକ୍ରମରେ ଯୋଗଶ ପ୍ରସାଦ ଦାଶ, ବଳିଷ୍ଠ ପ୍ରଧାନ, ସର୍ଦ୍ଦାର ପ୍ରୀତମ ସିଂ, ପଞ୍ଚାନନ ପଣ୍ଡା ଆଦି ଅନେକ ଦିଗ ଉପରେ ପ୍ରଶ୍ନ ଉଠେଇଥିଲେ । ଆଗକୁ ଏପରି ଶିବିର ବ୍ଲକ ସ୍ତରରେ କରିବାକୁ ସମ୍ପାଦକଙ୍କ ଅନୁରୋଧକୁ ସହର୍ଷେ ଜିଲ୍ଲା ଅଧିକାରୀ ଶ୍ରୀ ପ୍ରସାଦ ଗ୍ରହଣ କରିଥିଲେ ଓ ସାମୁହିକ ଶାନ୍ତିପାଠ ପରେ ସଭା ସମାପ୍ତି ହେଲା ।

ଶିଶୁଙ୍କ ମାନସିକ ସୁରକ୍ଷା ପାଇଁ ସରକାର ଓ ସମାଜର ମିଳିତ ଉଦ୍ୟମ ଜରୁରୀ:ଜଷ୍ଟିସ୍ ସାବିତ୍ରୀ ରଥୋ

କଟକ, ନ୍ୟୁଜ୍ ବ୍ୟୁରୋ



ଶିଶୁଙ୍କ ମାନସିକ ସ୍ୱାସ୍ଥ୍ୟର ଯତ୍ନ ନେବା କେବଳ ପରିବାରର ଦାୟିତ୍ୱ ନୁହେଁ, ଏଥିପାଇଁ ସରକାର, ଶିକ୍ଷାନୁଷ୍ଠାନ, ସାମାଜିକ ସଂଗଠନ ଓ ସମଗ୍ର ସମାଜର ସକ୍ରିୟ ସହଯୋଗ ଆବଶ୍ୟକ। ଶିଶୁମାନେ ମାନସିକ ସମସ୍ୟାର ସମ୍ମୁଖୀନ ହେଲେ ସେମାନଙ୍କୁ ସହାନୁଭୂତି, ସମ୍ମାନ ଓ ମର୍ଯ୍ୟାଦାର ସହ ସହାୟତା ପ୍ରଦାନ କରିବା ହିଁ ଏକ ସୁସ୍ଥ ସମାଜର ପରିଚୟ ବୋଲି କହିଛନ୍ତି ଓଡ଼ିଶା ହାଇକୋର୍ଟର ବିଚାରପତି ତଥା ଜୁଭେନାଇଲ୍ ଜଷ୍ଟିସ୍ କମିଟିର ଅଧ୍ୟକ୍ଷା ଜଷ୍ଟିସ୍ ସାବିତ୍ରୀ ରଥୋ । ଶନିବାର ଜାତୀୟ ଆଇନ୍ ବିଶ୍ୱବିଦ୍ୟାଳୟ ଓଡ଼ିଶା (NLUO)ର ସେଣ୍ଟର ଫର୍ ଚାଇଲ୍ଡ ରାଇଟ୍ସ (CCR) ଏବଂ ଚାଇଲ୍ଡ ରାଇଟ୍ସ ଆଣ୍ଡ ୟୁ (CRY)ର ମିଳିତ ଆୟୋଜନରେ 'ମହାମାରୀ ପରବର୍ତ୍ତୀ ବିଶ୍ୱରେ ଶିଶୁଙ୍କ ମାନସିକ ସ୍ୱାସ୍ଥ୍ୟ:ରାଜ୍ୟ, ସମାଜ ଓ ନିଜର ଭୂମିକା' ଶୀର୍ଷକ ରାଜ୍ୟସ୍ତରୀୟ ଗୋଲଟେବୁଲ୍ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ଅଧ୍ୟକ୍ଷୀୟ ଅଭିଭାଷଣ ଦେଇ ଜଷ୍ଟିସ୍ ରଥୋ ଶିଶୁଙ୍କ ମାନସିକ ସ୍ୱାସ୍ଥ୍ୟକୁ ଏକ ସାମ୍ବିଧାନିକ, ସାମାଜିକ ଓ ନୈତିକ ପ୍ରସଙ୍ଗ ଭାବେ ବିଚାର କରିବାକୁ ମତ ଦେଇଥିଲେ । ଶିଶୁମାନଙ୍କୁ ନିର୍ଭୟରେ ନିଜ ସମସ୍ୟା ଜଣାଇବାର ସୁଯୋଗ ଦେବା ସହ ମାନସିକ ସ୍ୱାସ୍ଥ୍ୟ ସେବା ଓ ଭାବନାତ୍ମକ ସୁରକ୍ଷା ଯୋଗାଇଦେବା ଉପରେ ସେ ଗୁରୁତ୍ୱ ଦେଇଥିଲେ । ବିଶେଷକରି ଜୁଭେନାଇଲ୍ ଜଷ୍ଟିସ୍ ବ୍ୟବସ୍ଥା ସହ ଜଡ଼ିତ ଶିଶୁଙ୍କ କ୍ଷେତ୍ରରେ ଦଣ୍ଡ ବା ପ୍ରକ୍ରିୟାଗତ ଔପଚାରିକତା ଅପେକ୍ଷା ସେମାନଙ୍କ ପୁନର୍ବାସ ଓ ସମାଜର ମୁଖ୍ୟସ୍ରୋତକୁ ଫେରାଇ ଆଣିବାକୁ ଅଧିକ ପ୍ରାଧାନ୍ୟ ଦେବା ଆବଶ୍ୟକ ବୋଲି ସେ କହିଥିଲେ । ଏହି ଆଲୋଚନାରେ ନ୍ୟାୟପାଳିକା, ସରକାରୀ ବିଭାଗ, ଶିକ୍ଷାବିତ୍ ଓ ବିଭିନ୍ନ ସାମାଜିକ ସଂଗଠନର ପ୍ରତିନିଧିମାନେ ଯୋଗଦେଇ ମହାମାରୀ ପରବର୍ତ୍ତୀ ସମୟରେ ଶିଶୁଙ୍କ ମାନସିକ ସ୍ୱାସ୍ଥ୍ୟ ସମସ୍ୟା ଓ ଏହାର ସମାଧାନ ନେଇ ଆଲୋଚନା କରିଥିଲେ । ଓଡ଼ିଶା ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଆଦିତ୍ୟ କୁମାର ମହାପାତ୍ର ଓ ଜଷ୍ଟିସ୍ ଏମ୍.ଏସ୍. ରମଣ ଏଥିରେ ଯୋଗଦେଇଥିଲେ । ସେହିପରି ଉଚ୍ଚ ଶିକ୍ଷାନୁଷ୍ଠାନରେ ଛାତ୍ରଛାତ୍ରୀଙ୍କ ଆତ୍ମହତ୍ୟା ନିରାକରଣ ସମ୍ପର୍କିତ ସୁପ୍ରିମ୍‌କୋର୍ଟ ନିଯୁକ୍ତ ଜାତୀୟ ଟାସ୍କଫୋର୍ସର ସଦସ୍ୟା ପ୍ରଫେସର ଡାକ୍ତର ଆଳ୍କା ଶେଖ୍, ଓଡ଼ିଶା ପୋଲିସର ଅତିରିକ୍ତ ଡିଜିପି ଶ୍ୟାନି ଏସ୍., ଶ୍ରମ ଆୟୁକ୍ତ ଇନ୍ଦ୍ରମଣି ତ୍ରିପାଠୀ ଏବଂ ମହିଳା ଓ ଶିଶୁ ବିକାଶ ବିଭାଗର ଅତିରିକ୍ତ ସଚିବ ସୁମିତ୍ରା କେ. ପଟ୍ଟନାୟକ ନିଜ ନିଜ ବିଭାଗର ପଦକ୍ଷେପ ଓ ଆବଶ୍ୟକ ସହଯୋଗ ସମ୍ପର୍କରେ ମତ ରଖିଥିଲେ । କ୍ରାଏର ଗବେଷଣା ଓ ଜ୍ଞାନ ଆଦାନପ୍ରଦାନ ବିଭାଗର ନିର୍ଦ୍ଦେଶକ ଶୁଭେନ୍ଦୁ ଭଟ୍ଟାଚାର୍ଯ୍ୟ ଏନ୍‌ସିଆର୍‌ବିର ୨୦୨୪ ତଥ୍ୟ ଆଧାରରେ ଦେଶରେ ପ୍ରତିଦିନ ୩୧ ଜଣ ଶିଶୁ ଓ ୪୦ ଜଣ ଛାତ୍ରଛାତ୍ରୀ ଆତ୍ମହତ୍ୟା କରୁଥିବା ତଥ୍ୟ ଉପସ୍ଥାପନ କରିଥିଲେ । ଏହି ସ୍ଥିତି ଗମ୍ଭୀର ରୂପ ଧାରଣ କରିଥିବାରୁ ତୁରନ୍ତ ଓ ଦୀର୍ଘମିଆଦୀ ପଦକ୍ଷେପ ନେବା ଜରୁରୀ ବୋଲି ସେ ମତ ଦେଇଥିଲେ । ଏସ୍‌ସିବି ମେଡିକାଲ୍ କଲେଜର ମାନସିକ ସ୍ୱାସ୍ଥ୍ୟ ପ୍ରତିଷ୍ଠାନର ନିର୍ଦ୍ଦେଶକ ତଥା ଅଧୀକ୍ଷକ ପ୍ରଫେସର ଡାକ୍ତର ଶରଦା ପ୍ରସନ୍ନ ସ୍ୱାଇଁ ମାନସିକ ସ୍ୱାସ୍ଥ୍ୟ ଆଇନ୍ ପ୍ରଣୟନର ୯ ବର୍ଷ ପରେ ମଧ୍ୟ ଓଡ଼ିଶାର ଅଧିକାଂଶ ଜିଲ୍ଲାରେ ତ୍ରୈମାସିକ ସମୀକ୍ଷା ବୈଠକ ଆରମ୍ଭ ହୋଇନଥିବା କଥା ଉଠାଇଥିଲେ । ଏହାର କାର୍ଯ୍ୟକାରିତା ଉପରେ ସେ ଗୁରୁତ୍ୱ ଦେଇଥିଲେ ।



୨ଟି ଷ୍ଟାଡିୟମ୍ ପାଇଁ ଶିଳାନ୍ୟାସ କଲେ କ୍ରୀଡ଼ାମନ୍ତ୍ରୀ

ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ

ଧର୍ମଶାଳା ଷ୍ଟାଡିୟମ୍‌ର ଆଧୁନିକୀକରଣ ଓ ଉନ୍ନତିକରଣ ଓ ସାହାଣୀ ଢିଆ ପଞ୍ଚାୟତର ରାମଚନ୍ଦ୍ରପୁର ଠାରେ ନୂତନ ଷ୍ଟାଡିୟମ୍‌ର ଉଦ୍‌ଘାଟନ କ୍ରୀଡ଼ା ଓ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ କରକମଳରେ ସମ୍ପନ୍ନ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବିଧାୟକ ହିମାଂଶୁ ଶେଖର ସାହୁ, ଯାଜପୁର ସାଂସଦ ଡ. ରବି ନାରାୟଣ ବେହେରା, କୋରେଇ ବିଧାୟକ ଆକାଶ ଦାଶ ନାୟକ ଏବଂ ଯାଜପୁର ଜିଲ୍ଲା ସଭାନେତ୍ରୀ ଦେବଯାନୀ ପ୍ରଧାନ ଯୋଗଦେଇଥିଲେ । ଧର୍ମଶାଳାର କ୍ରୀଡ଼ା ଭିତ୍ତିଭୂମିକୁ ଆଧୁନିକ ଓ ସମୃଦ୍ଧ କରିବା ସହ ଧର୍ମଶାଳା ଅଞ୍ଚଳର ଯୁବ କ୍ରୀଡ଼ାବିତ୍‌ମାନଙ୍କୁ ଉନ୍ନତ ସୁଯୋଗ ପ୍ରଦାନ କରିବା ଏହି ପ୍ରକଳ୍ପର ମୁଖ୍ୟ ଲକ୍ଷ୍ୟ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଡବଲ୍‌ଇଞ୍ଜିନ ସରକାରଙ୍କ ସହଯୋଗ ଓ ସମସ୍ତଙ୍କ ମିଳିତ ପ୍ରୟାସରେ ରାଜ୍ୟର ବିକାଶଯାତ୍ରା ଆହୁରି ତ୍ୱରାନ୍ୱିତ ହେବ ବୋଲି ଅତିଥିମାନେ ପ୍ରକାଶ କରିଥିଲେ । ଧର୍ମଶାଳା ଷ୍ଟାଡ଼ିୟମ୍ ସମ୍ପ୍ରସାରଣ ପାଇଁ ୨୭ କୋଟି ୩୩ ହଜାର ଓ ରାମଚନ୍ଦ୍ରପୁର ଷ୍ଟାଡିୟମ୍ ପାଇଁ ୧୬ କୋଟି ୧୬ ଲକ୍ଷ ବ୍ୟୟ ଅଟକଳ ରହିଛି । ଏହି ଉତ୍ସବରେ ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ କୋମଳ ସ୍ୱାଇଁ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମକୁ ଜିତେନ୍ଦ୍ର କୁମାର ରାଉତ ଓ କଳ୍ପତରୁ ସାହୁ ପରିଚାଳନା କରିଥିଲେ ।

ଚୌଦ୍ୱାରରେ ଜାତି ଗୌରବ ଦିବସ ପାଳିତ

ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ

ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ଅଦିବାସୀ ନେତା ସହିଦ୍ ବିର୍ସା ମୁଣ୍ଡାଙ୍କ ୧୫୧ ତମ ଜୟନ୍ତୀ ତଥା ଜନଜାତି ଗୌରବ ଦିବସ ଉତ୍ସାହ ଓ ଉଦ୍ଦିପନା ମଧ୍ୟରେ ପାଳିତ ହୋଇଯାଇଛି । ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ କହ୍ନେଇପୁର ପଞ୍ଚାୟତର ଆଦିବାସୀ ଅଧ୍ୟୁସିତ ବଡ଼ପୋଖରୀ ଗ୍ରାମରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଜେପି ନେତା ହିମାଂଶୁ ମହାନ୍ତି ଅତିଥି ଭାବେ ଯୋଗଦେଇ ଭଗବାନ ବିର୍ସା ମୁଣ୍ଡାଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋଚନା କରି ବିର୍ସା ମୁଣ୍ଡାଙ୍କ ଦେଶପ୍ରେମ ଓ ଆଦିବାସୀ ବିକାଶ ଦିଗରେ ତାଙ୍କର ମହତ୍ୱପୂର୍ଣ୍ଣ କାର୍ଯ୍ୟାବଳୀ ତାଙ୍କୁ ଚୀର ଅମର କରି ରଖିବ ବୋଲି ମତବ୍ୟକ୍ତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସରପଞ୍ଚ ମାନା ସିଂକୁ, ଜେମା ସର୍ଦ୍ଦାର, ସୌମେନ୍ଦ୍ର ଷଡ଼ଙ୍ଗୀ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ । ଏହି ଅବସରରେ ଗ୍ରାମର ନୂତନ କ୍ଲବ୍ ଘର ପାଇଁ ଶ୍ରୀ ମହାନ୍ତି ଶିଳାନ୍ୟାସ କରିବା ସହିତ ଚାରାବୃକ୍ଷ ରୋପଣ କରିଥିଲେ । ଏହି ଅବସରରେ ଆଦିବାସୀ ନୃତ୍ୟ, ସଂଗୀତ ଓ ବାଦ୍ୟ ବିଚିତ୍ରା ଆଦି ମନୋରଞ୍ଜନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା ।

ବ୍ରାହ୍ମଣ ସମାଜ ଏକତା ମଞ୍ଚ ପକ୍ଷରୁ ରାଷ୍ଟ୍ରପତିଙ୍କୁ ଦାବିପତ୍ର ପ୍ରଦାନ

ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ



କାର୍ତ୍ତିକ ଶୁକ୍ଳ ପଞ୍ଚମୀ ଅବସରରେ 'ଜିଲ୍ଲା ବ୍ରାହ୍ମଣ ସମାଜ ଏକତା ମଞ୍ଚ, ସୁବର୍ଣ୍ଣପୁର' ପକ୍ଷରୁ ସମାଜରେ ସମାନତା, ନ୍ୟାୟ ଏବଂ ସାମାଜିକ ସଦ୍‌ଭାବନା ବଜାୟ ରଖିବା ଉଦ୍ଦେଶ୍ୟରେ ଏକ ୪ ଦଫା ସମ୍ବଳିତ ଦାବିପତ୍ର ମହାମହିମ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସୁବର୍ଣ୍ଣପୁର ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟଙ୍କ ଜରିଆରେ ପ୍ରଦାନ କରାଯାଇଛି । ପ୍ରଥମେ ଉଲୁଣ୍ଡା ବ୍ଲକ ମୁଣ୍ଡୋଘାଟ ସ୍ଥିତ ଧର୍ମଶାଳା ଆଏମ୍‌ସି ମାର୍କେଟ ୟାର୍ଡ଼ ପରିସରରେ ଜିଲ୍ଲା ସ୍ତରୀୟ ବ୍ରାହ୍ମଣ ସମାବେଶ ଓ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଥିଲା ବେଳେ ନୂତନ ଜିଲ୍ଲା କମିଟି ଗଠନ ସହ ବିଭିନ୍ନ ପଦପଦବୀ ପାଇଁ କର୍ମକର୍ତ୍ତା ଚୟନ କରାଯାଇଥିଲା । ଏଥିରେ ହଜାର ହଜାର ବ୍ରାହ୍ମଣ ସଭ୍ୟ ଯୋଗ ଦେଇଥିଲେ । ସୋନପୁର ନଗର ସଭାପତି ପଣ୍ଡିତ ମେଡ଼େନ କୁମାର ବିଶିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଡାକ୍ତର ତଥା ପୂର୍ବତନ କୁଳପତି ଡା. ଦତ୍ତେଶ୍ୱର ହୋତା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସୋନପୁର ବ୍ଲକ ସଭାପତି ଆଦିତ୍ୟ ପ୍ରସାଦ ମିଶ୍ର, ତରଭା ବ୍ଲକ ସଭାପତି ଗୋପାଳ ଚନ୍ଦ୍ର ମିଶ୍ର, ଏନ୍‌ଏସି ସଭାପତି ଶାନ୍ତନୁ କୁମାର ପଣ୍ଡା, ବିନିକା ବ୍ଲକ ସଭାପତି ସନ୍ତୋଷ କୁମାର ପଣ୍ଡା, ବୀରମହାରାଜପୁର ବ୍ଲକ ସଭାପତି ଅକ୍ଷୟ ମିଶ୍ର, ନଗର ସଭାପତି କିଶୋର କୁମାର ହୋତା, ଉଲୁଣ୍ଡା ବ୍ଲକ ସଭାପତି ପ୍ରଶାନ୍ତ କୁମାର ଶତପଥୀ ଓ ଡୁଙ୍ଗୁରିପାଲି ବ୍ଲକ ସଭାପତି ପଦ୍ମନାଭ ଦାଶ ପ୍ରମୁଖ ମଞ୍ଚାସୀନ ଥିଲେ । ସର୍ବସମ୍ମତିକ୍ରମେ ସୁବର୍ଣ୍ଣପୁର ଜିଲ୍ଲା ଉଚ୍ଚ ଶିକ୍ଷା ପରାମର୍ଶଦାତା ଡ. ପ୍ରଫୁଲ୍ଲ କୁମାର ରଥଙ୍କୁ ଜିଲ୍ଲା ସଭାପତି ଭାବେ ମନୋନୀତ କରାଯାଇଥିବା ବେଳେ ପଦ୍ମଲୋଚନ ମିଶ୍ରଙ୍କୁ କାର୍ଯ୍ୟକାରୀ ସଭାପତି ଓ ଲକ୍ଷ୍ମଣ ପ୍ରସାଦ ପାଣ୍ଡିଆଙ୍କୁ ସାଧାରଣ ସମ୍ପାଦକ ଭାବେ ଚୟନ କରାଯାଇଥିଲା ।

ଦେଶ ଓ ଜନଜାତିଙ୍କ ପ୍ରତି ବିର୍ସା ମୁଣ୍ଡାଙ୍କ ଅବଦାନ ଅତୁଳନୀୟ

ବାଲେଶ୍ୱର, ନ୍ୟୁଜ୍

ଜିଲ୍ଲାସ୍ତରୀୟ ଜନଜାତି ଗୌରବ ଦିବସ ତଥା ଭଗବାନ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ପିଆବଶିଆ ସରକାରୀ ଏସ୍‌ଏସ୍‌ଡି ଉଚ୍ଚ ବିଦ୍ୟାଳୟ ଠାରେ ଉତ୍ସାହ ଓ ଉଦ୍ଦୀପନାର ସହ ପାଳିତ ହୋଇଯାଇଛି । ଏହି ଉତ୍ସବରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତପନ କୁମାର ଖୁଣ୍ଟିଆ ମୁଖ୍ୟ ଅତିଥି ଏବଂ ଜନଜାତି ଉନ୍ନୟନ ପରିଷଦର ଅଧ୍ୟକ୍ଷ ବିପିନ ମାରାଣ୍ଡି ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ । ଦେବାଶିଷ ସ୍ୱାଇଁ ସଭାରେ ଅଧ୍ୟକ୍ଷତା କରିଥିବା ବେଳେ ସରପଞ୍ଚ ମାଳତୀ ପ୍ରଧାନ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ । ପ୍ରଧାନ ଶିକ୍ଷକ ସୁରେନ୍ଦ୍ର କୁମାର ନାଏକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ନିଜ ବକ୍ତବ୍ୟରେ ମୁଖ୍ୟ ଅତିଥି ଶ୍ରୀ ଖୁଣ୍ଟିଆ ଭଗବାନ ବିର୍ସା ମୁଣ୍ଡାଙ୍କ ସ୍ୱଳ୍ପ ଜୀବନକାଳ ମଧ୍ୟରେ ଦେଶ ତଥା ଜନଜାତି ସମାଜ ପାଇଁ ରହିଥିବା ଅବଦାନ ଓ ତ୍ୟାଗକୁ ସ୍ମରଣ କରିଥିଲେ । ଏଥିସହ ଜନଜାତି ସମ୍ପ୍ରଦାୟର ଛାତ୍ରଛାତ୍ରୀମାନେ ଶିକ୍ଷା ଓ ଆତ୍ମବିଶ୍ୱାସକୁ ପାଥେୟ କରି ସମାଜର ମୁଖ୍ୟସ୍ରୋତରେ ସାମିଲ ହେବା ସହ ନିଜର ଉଜ୍ଜ୍ୱଳ ଭବିଷ୍ୟତ ଗଠନ କରିବାକୁ ଆହ୍ୱାନ ଦେଇଥିଲେ । ମଂଗଳ ସଂପ୍ରସାରଣ ଅଧିକାରୀ ମଧୁଛନ୍ଦା ଗିରି ମଞ୍ଚ ପରିଚାଳନା କରିଥିବା ବେଳେ ଜ୍ଞାନ ରଞ୍ଜନ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରଧାନ ଶିକ୍ଷକ ସୁରେନ୍ଦ୍ର କୁମାର ନାଏକଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ଉତ୍ସବର ସଫଳ ଆୟୋଜନରେ ସହଯୋଗ କରିଥିଲେ ।



ସ୍ୱତନ୍ତ୍ର ଭୋଟର ତାଲିକା ପ୍ରକାଶନ ନିମନ୍ତେ ରାଜନୈତିକ ଦଳ ସହ ବୈଠକ

କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ

କେନ୍ଦ୍ରାପଡା ଜିଲ୍ଲା ନିର୍ବାଚନ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଭୋଟର ତାଲିକା ପ୍ରକାଶନ ନିମନ୍ତେ ଏକ ରାଜନୈତିକ ଦଳ ସହ ଜିଲ୍ଲା ପ୍ରଶାସନର ବୈଠକ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ତଥା ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ନବକୃଷ୍ଣ ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ସମସ୍ତ ରାଜନୈତିକ ଦଳର ସଭାପତି, ସମ୍ପାଦକ ଉପସ୍ଥିତ ଥିଲେ । ଭାରତୀୟ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶ ଅନୁଯାୟୀ ୦୧.୦୧.୨୦୨୬ ତାରିଖକୁ ଯୋଗ୍ୟତା ତାରିଖ ଭାବେ ଗ୍ରହଣ କରି କେନ୍ଦ୍ରାପଡା ଜିଲ୍ଲାରେ ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ - ୨୦୨୬ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ଯାଉଛି । ଏହି ସଂଶୋଧନ ପ୍ରକିୟାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଯୋଗ୍ୟ ନାଗରିକ ମାନଙ୍କର ନାମ ଭୋଟର ତାଲିକାରେ ସାମିଲ୍ କରିବା, ମୃତ୍ୟୁ ସ୍ଥାନାନ୍ତରୀତ ଓ ଅଯୋଗ୍ୟ ଭୋଟରଙ୍କ ସମ୍ପର୍କରେ ନିୟମ ଅନୁଯାୟୀ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଏବଂ ଭୋଟର ତାଲିକାରେ ଥିବା ତ୍ରୁଟି ଗୁଡିକ ସଂଶୋଧନ କରି ଏକ ସଠିକ୍ ସ୍ୱଚ୍ଛ ଓ ତ୍ରୁଟିମୁକ୍ତ ଭୋଟର ତାଲିକା ପ୍ରସ୍ତୁତ କରିବା ଏଥିସହ ଜିଲ୍ଲାର ସମସ୍ତ ବିଧାନସଭା ନିର୍ବାଚନ ମଣ୍ଡଳୀରେ ଥିବା ମତଦାନ କେନ୍ଦ୍ର ଗୁଡିକର ଯୁକ୍ତି ସଙ୍ଗତ ପୁର୍ନବିନ୍ୟାସ ନିମନ୍ତେ ଭାରତୀୟ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶ ଅନୁଯାୟୀ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ସହ ମତଦାନ କେନ୍ଦ୍ର ଗୁଡିକର ପୁନବିନ୍ୟାସ ପ୍ରସ୍ତାବ ସରକାରଙ୍କ ନିକଟରେ ମଞ୍ଜୁର ପାଇଁ ପଇଠ କରିବା। ଯେଉଁ ନାଗରିକ ମାନଙ୍କୁ ୦୧.୦୧.୨୦୨୬ ତାରିଖ ସୁଦ୍ଧା ୧୮ ବର୍ଷ ହେଉଥିବ ସେମାନେ ନୂତନ ଭୋଟର ପାଇଁ ଅନ୍‌ଲାଇନ୍ ମାଧ୍ୟମରେ ଆବେଦନ କରିପାରିବେ। ଏଥିସହିତ ନିଜ ବୁଥରେ ବିଏଲଓ ମାନଙ୍କ ପାଖକୁ ଯାଇ ମଧ୍ୟ ଆବେଦନ କରିପାରିବେ। ଏହି ବୈଠକରେ ଯେଉଁ ବୁଥ୍ ଗୁଡିକରେ ୧୨ ଶହରୁ ଉର୍ଦ୍ଧ୍ୱ ଭୋଟର ଥିବେ ସେ ସ୍ଥାନରେ ନୂତନ ବୁଥ୍ ଗଠନ କରିବା ପାଇଁ ରାଜ୍ୟ ନିର୍ବାଚନ ଆୟୋଗଙ୍କ ନିକଟକୁ ଅନୁମୋଦନ ପାଇଁ ପ୍ରସ୍ତାବ ପଠାଯିବ।

ଚଇତି ଲୋକ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା–୨୦୨୬ ପାଇଁ ପ୍ରସ୍ତୁତି ବୈଠକ

ରାୟଗଡ଼ା, ନ୍ୟୁଜ୍ ବ୍ୟୁରୋ

ଚଇତି ଲୋକ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା–୨୦୨୬ ଆୟୋଜନ ନିମନ୍ତେ ନୂତନ କନ୍‌ଫରେନ୍ସ ହଲ୍ ରାୟଗଡ଼ା ଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବିଧାୟକ, ରାୟଗଡ଼ାଙ୍କ ସମେତ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି, ବରିଷ୍ଠ ବୁଦ୍ଧିଜୀବୀ, କଳାକାର ଓ ବିଭିନ୍ନ ବିଭାଗର ଅଧିକାରୀମାନେ ଓ ସମସ୍ତ ଗଣମାଧ୍ୟମର ପ୍ରତିନିଧି ବୈଠକରେ ଯୋଗଦେଇଥିଲେ । ବୈଠକରେ ମହୋତ୍ସବର ସଫଳ ଆୟୋଜନ, ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ, କଳା ଓ

32 YEARS
ସମ୍ବାଦ ଜନିକା
ଭୁବନେଶ୍ୱର, ୧୮ ନଭେମ୍ବର ୨୦୨୬ ବୁଧବାର



ନିରପେକ୍ଷ ଓ ନିର୍ଭୀକ ସାମ୍ବାଦିକତା ଉପରେ ଗୁରୁତ୍ୱାରୋପ

କଟକ, ନ୍ୟୁଜ୍ ବ୍ୟୁରୋ

ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଭାବେ ପରିଚିତ ଗଣମାଧ୍ୟମର ଗୁରୁତ୍ୱ, ସାମ୍ବାଦିକତାର ନୈତିକତା ଓ ସାମାଜିକ ଦାୟିତ୍ୱବୋଧକୁ ଗୁରୁତ୍ୱ ଦେଇ ଟାଙ୍ଗୀ-ଚୌଦ୍ୱାର ଆଞ୍ଚଳିକ ସାମ୍ବାଦିକ ସଂଘ ପକ୍ଷରୁ ଜାତୀୟ ପ୍ରେସ୍ ଦିବସ-୨୦୨୬ ଉତ୍ସାହ ଓ ଉଦ୍ଦୀପନାର ସହ ପାଳିତ ହୋଇଯାଇଛି। ଚୌଦ୍ୱାର ସ୍ଥିତ ଆର୍‌ଡି ହାଉସ୍ ଠାରେ ଆୟୋଜିତ ଏହି ସମାରୋହରେ ବହୁ ବିଶିଷ୍ଟ ଅତିଥି, ସାମ୍ବାଦିକ, ବୁଦ୍ଧିଜୀବୀ ଓ ସାମାଜିକ କର୍ମୀ ଯୋଗଦେଇ ସାମ୍ବାଦିକତାର ଆଦର୍ଶ ଓ ଗଣମାଧ୍ୟମର ଭୂମିକା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଚୌଦ୍ୱାର-କଟକର ପୂର୍ବତନ ବିଧାୟକ ଡଃ. ପ୍ରଭାତ ରଞ୍ଜନ ବିଶ୍ୱାଳ ଯୋଗଦେଇ ସାମ୍ବାଦିକଙ୍କ ଧର୍ମ, କର୍ତ୍ତବ୍ୟ ଓ ନିରପେକ୍ଷତା ଉପରେ ଆଲୋକପାତ କରିଥିଲେ। ସତ୍ୟ ଓ ନିରପେକ୍ଷ ଖବର ପରିବେଷଣ ସାମ୍ବାଦିକତାର ମୂଳ ଆଧାର ହେବା ସହ ସମାଜ ପ୍ରତି ସାମ୍ବାଦିକଙ୍କ ଉତ୍ତରଦାୟିତ୍ୱ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ସେ ମତ ରଖିଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ଟ୍ରେଡ୍ରା ହେଡ୍ରନ୍ କଲେଜର ଅଧ୍ୟକ୍ଷ ତ୍ରିଦିବ ବେହେରା ଯୋଗଦେଇ ଉପସ୍ଥିତ ସାମ୍ବାଦିକମାନଙ୍କୁ ଜାତୀୟ ପ୍ରେସ୍ ଦିବସର ଶୁଭେଚ୍ଛା ଜଣାଇବା ସହ ସମାଜ ଗଠନ ଓ ଜନସଚେତନତା ସୃଷ୍ଟି କ୍ଷେତ୍ରରେ ସାମ୍ବାଦିକତାର ଉପାଦେୟତା



ସମ୍ପର୍କରେ ମତ ରଖିଥିଲେ। ମୁଖ୍ୟବକ୍ତା ଭାବେ କଟକ ଜିଲ୍ଲା ବିଜେପି ଗ୍ରାମୀଣ ସଭାପତି ରାମନାରାୟଣ ମହାନ୍ତି ଯୋଗଦେଇ ସାମ୍ବାଦିକଙ୍କ ସାହସିକତା, କର୍ତ୍ତବ୍ୟନିଷ୍ଠା ଓ ନିର୍ଭୀକ ଖବର ପରିବେଷଣର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ଭାବେ ଚୌଦ୍ୱାର ପୌର ପରିଷଦର ଉପ-ନଗରପାଳ ଶୁଭେନ୍ଦୁ ସାମଲ, ଟାଙ୍ଗୀ-ଚୌଦ୍ୱାର ବିଜେଡି ସଭାପତି ଧୀରେନ୍ଦ୍ର ଜେଠୀ, ବିଜେପି ଓବିସି ମୋର୍ଚ୍ଚାର ରାଜ୍ୟ ସାଧାରଣ ସମ୍ପାଦକ ଜ୍ଞାନେନ୍ଦ୍ର ସ୍ୱାଇଁ, ଚୌଦ୍ୱାର ନଗର କଂଗ୍ରେସ ସଭାପତି ହରିହର ପରିଡ଼ା ଏବଂ ଉତ୍କଳ ଇଣ୍ଟରନ୍ୟାସନାଲ ସ୍କୁଲର ଅଧ୍ୟକ୍ଷ ଗଣେଶ ପ୍ରସାଦ ବେହେରା ଯୋଗ ଦେଇଥିଲେ। ମୁଖ୍ୟ ଉପଦେଷ୍ଟା ଭାବେ ଦିଲ୍ଲୀପ କୁମାର ଛତରା ଉପସ୍ଥିତ ରହିଥିଲେ। ଏହି ଅବସରରେ ସଂଘ ପକ୍ଷରୁ ୧୫ ଜଣ ସାମ୍ବାଦିକଙ୍କୁ ଉତ୍ତରୀୟ ଓ ସମ୍ମାନପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ବର୍ଦ୍ଧିତ ସାମ୍ବାଦିକଙ୍କ ମଧ୍ୟରେ ବରିଷ୍ଠ ସାମ୍ବାଦିକ ଦିପେଶ ମହାପାତ୍ର, ଯୁବ ସାମ୍ବାଦିକ ପ୍ରଦୀପ କୁମାର ନାୟକ, ଯୁବ ସାମ୍ବାଦିକ ଅମ୍ରିତ ପ୍ରସାଦ ଦାସ, ନୀଳକଣ୍ଠ ଡୋରା, ବିଶ୍ୱ ଭଞ୍ଜ, ମାନସ ସାମଲ, ଶଙ୍କର୍ଷଣ ମହାପାତ୍ର, ବିମଳ କୁମାର ବେଉରା, ଦିଲ୍ଲୀପ ଦାସ, ବିଷ୍ଣୁ ପ୍ରସାଦ ଦାସ ଓ ଉପେନ୍ଦ୍ର ବାରିକ ପ୍ରମୁଖ ରହିଥିଲେ। ଅତିଥିମାନେ ନିଜ ବକ୍ତବ୍ୟରେ ସାମ୍ବାଦିକତା କେବଳ ଖବର ପରିବେଷଣର ମାଧ୍ୟମ ନୁହେଁ, ବରଂ ଏହା ସମାଜର ଦର୍ପଣ ବୋଲି ମତପ୍ରକାଶ କରିଥିଲେ। ସାଧାରଣ ଲୋକଙ୍କ ସମସ୍ୟା, ଅବହେଳିତ ବର୍ଗଙ୍କ ସ୍ୱର ଓ ସାମାଜିକ ଅସଙ୍ଗତିକୁ ଲୋକଲୋଚନକୁ ଆଣିବା ସହ ସତ୍ୟର ପକ୍ଷରେ ନିର୍ଭୀକ ଭାବେ ଠିଆ ହେବା ସାମ୍ବାଦିକଙ୍କ ପ୍ରମୁଖ ଦାୟିତ୍ୱ ବୋଲି ସେମାନେ କହିଥିଲେ। କାର୍ଯ୍ୟକ୍ରମଟି ଟାଙ୍ଗୀ-ଚୌଦ୍ୱାର ଆଞ୍ଚଳିକ ସାମ୍ବାଦିକ ସଂଘ ଶାଖାର ସଭାପତି ସତ୍ୟବ୍ରତ ଦାସଙ୍କ ସଭାପତିତ୍ୱରେ ପରିଚାଳିତ ହୋଇଥିଲା। ନୀଳକଣ୍ଠ ଡୋରା ମଞ୍ଚ ପରିଚାଳନା କରିଥିବାବେଳେ ସଂଘର କର୍ମକର୍ତ୍ତା ପରାକ୍ଷିତ ଲେଙ୍କା, ଶିବବ୍ରତ ଦାସ, ନବୀନ ରାଓ, ଦୀପକ ବେଉରା, କୁନା ନାୟକ, ସଂଜୀବ ତିୱାରୀ ଓ ତପନ ସାହୁ ପ୍ରମୁଖ କାର୍ଯ୍ୟକ୍ରମର ସଫଳ ଆୟୋଜନରେ ସହଯୋଗ କରିଥିଲେ। ସମାରୋହରେ ସଂଘର ଅନ୍ୟାନ୍ୟ ସଦସ୍ୟ ଓ କର୍ମକର୍ତ୍ତାମାନେ ମଧ୍ୟ ଉପସ୍ଥିତ ଥିଲେ।



ଇପିଏଫ୍ ପେନ୍‌ସନ୍‌ଧାରୀଙ୍କ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କୁ ଦାବିପତ୍ର

କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ

ଅଲ୍ ଓଡ଼ିଶା ଇପିଏଫ୍ ପେନ୍‌ସନରସ୍ ଆସୋସିଏସନ୍ କେନ୍ଦ୍ରାପଡା ଶାଖା ପକ୍ଷରୁ ଏକ ଦାବିପତ୍ର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି। ଅଲ୍ ଓଡ଼ିଶା ଇପିଏଫ୍ ପେନ୍‌ସନରସ୍ କେନ୍ଦ୍ରାପଡା ଶାଖାର ସଭାପତି ବସନ୍ତ କୁମାର ଦାସଙ୍କ ନେତୃତ୍ୱରେ ଶତାଧିକ ସଭ୍ୟ ଜିଲ୍ଲା କାର୍ଯ୍ୟାଳୟ ଆଗରେ ଏକତ୍ରୀତ ହୋଇ କେନ୍ଦ୍ର ସରକାର ଦୀର୍ଘ ୧୨ ବର୍ଷ ହେଲା ଇପିଏଫ୍ ପେନ୍‌ସନରେ କୌଣସି ପରିବର୍ତ୍ତନ କରିନାହାଁନ୍ତି । ଯାହାଫଳରେ ଦେଶସାରା ଧାରଣା, ଅନଶନ, ବିକ୍ଷୋଭ ପ୍ରଦର୍ଶନ ଜାରିରହିଛି । ଏ ପର୍ଯ୍ୟନ୍ତ କୌଣସି ସୁଫଳ ମିଳିପାରିନାହିଁ। କେନ୍ଦ୍ର ସରକାର ଅବିଳମ୍ବେ ଇପିଏଫ୍ କର୍ମଚାରୀମାନଙ୍କର ଦାବି ପ୍ରତି ସମ୍ମାନ ଜଣାଇ ସର୍ବନିମ୍ନ ପେନ୍‌ସନ୍ ୯ ହଜାର ଟଙ୍କା ସହିତ ମହଙ୍ଗା ଭତ୍ତା ପ୍ରଦାନ କରିବା ପାଇଁ ଏହି ସଭାରେ ଦାବି କରାଯାଇଛି। ଆୟୋଜିତ ଏହି ସଭାରେ ଉପସଭାପତି କାହ୍ନୁଚରଣ ଦାସ, ସାଧାରଣ ସମ୍ପାଦକ ପିତାମ୍ବର ମହାନ୍ତି, ଶୁକଦେବ ସାମଲ, ପରମାନନ୍ଦ ବିଶ୍ୱାଳ, ଧୀରଜେନା, ରାମଚନ୍ଦ୍ର ପ୍ରଧାନ, ଗୋକୁଳାନନ୍ଦ ଦାସ, ତ୍ରିଲୋଚନ ପଣ୍ଡା, ପ୍ରଭାକର ମାଟି, ବିପିନ୍ ବିହାରୀ ମହାନ୍ତି, ପ୍ରବୋଧ ରାଉତ, ମଥୁରୀ ପାଇଟାଲଙ୍କ ସମେତ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଇପିଏଫ୍ କର୍ମଚାରୀ ଯୋଗଦେଇଥିଲେ।

ସମ୍ଭାବ୍ୟ ବାତ୍ୟା ଓ ବର୍ଷା ମୁକାବିଲା ପାଇଁ ଜିଲ୍ଲା ପ୍ରଶାସନ ସଜାଗ

ନବରଙ୍ଗପୁର, ନ୍ୟୁଜ୍ ବ୍ୟୁରୋ

ସମ୍ଭାବ୍ୟ ଅବପାତ ଏବଂ ଭାରତୀୟ ପାଣିପାଗ ବିଭାଗ, ଭୁବନେଶ୍ୱର ପକ୍ଷରୁ ଆସନ୍ତା ୧୯ ରୁ ୨୨ ନଭେମ୍ବର ମଧ୍ୟରେ ନବରଙ୍ଗପୁର ଜିଲ୍ଲାରେ ପ୍ରବଳ ବର୍ଷାର ପୂର୍ବାନୁମାନ କରାଯାଇଥିବାରୁ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି। ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳ ମଧୁମିତା ଏକ ସମୀକ୍ଷା ବୈଠକରେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ବିଡିଓ ଓ ତହସିଲଦାରଙ୍କ ସହ ବିପର୍ଯ୍ୟୟ ମୁକାବିଲା ପ୍ରସ୍ତୁତି ସମୀକ୍ଷା କରିଛନ୍ତି। ଯେକୌଣସି ଜରୁରୀକାଳୀନ ପରିସ୍ଥିତିର ସଫଳ ମୁକାବିଲା ପାଇଁ ସମସ୍ତ ବିଭାଗକୁ ସଜାଗ ଓ ପ୍ରସ୍ତୁତ ରହିବା ସହ ପରସ୍ପର ମଧ୍ୟରେ ସମନ୍ୱୟ ରକ୍ଷା କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ, ଜିଲ୍ଲାର ସମସ୍ତ ସରକାରୀ ଅଧିକାରୀ ଓ କର୍ମଚାରୀଙ୍କ ଛୁଟି ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ବାତିଲ୍ କରାଯାଇଛି। ଆସନ୍ତା ୧୭ ନଭେମ୍ବର ଠାରୁ କୌଣସି ଅଧିକାରୀ କିମ୍ବା କର୍ମଚାରୀ ପୂର୍ବାନୁମତି ବିନା ମୁଖ୍ୟାଳୟ ଛାଡ଼ି ଯାଇପାରିବେ ନାହିଁ। ପୂର୍ବରୁ ଛୁଟିରେ ଥିବା କର୍ମଚାରୀମାନଙ୍କୁ ତୁରନ୍ତ ନିଜ ମୁଖ୍ୟାଳୟକୁ ଫେରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ତୃଣମୂଳ ସ୍ତରରେ ପରିସ୍ଥିତିର ତଦାରଖ ସହ ତ୍ୱରିତ ପଦକ୍ଷେପ ସୁନିଶ୍ଚିତ କରିବା ପାଇଁ ପାଞ୍ଚ ଜଣ ବରିଷ୍ଠ ଅଧିକାରୀଙ୍କୁ ବିଭିନ୍ନ ଅଞ୍ଚଳର ଦାୟିତ୍ୱ ଦିଆଯାଇଛି। ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଡଃ ପ୍ରମୋଦ କୁମାର ପୃଷ୍ଟିଙ୍କୁ ନବରଙ୍ଗପୁର ବ୍ଲକ ଦାୟୀତ୍ୱ ଦିଆଯାଇଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବିଶ୍ୱଜିତ କର୍ମନଙ୍କୁ ନନ୍ଦାହାଣ୍ଡି ବ୍ଲକ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରତାପ ଚନ୍ଦ୍ର ପ୍ରଧାନଙ୍କୁ କୋଷାଗୁମୁଡ଼ା ବ୍ଲକ, ଉପଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ରଙ୍କୁ ନବରଙ୍ଗପୁର ପୌରାଞ୍ଚଳ ଏବଂ ପ୍ରକଳ୍ପ ପ୍ରଶାସକ, ଆଇଟିଡିଏ ରାଜୀବ କୁମାର ସାହୁଙ୍କୁ ତେନ୍ତୁଳିଖୁଣ୍ଟି ବ୍ଲକର ଦାୟିତ୍ୱ ଅର୍ପଣ କରାଯାଇଛି। ଏହି ଅଧିକାରୀମାନେ ସମ୍ପୃକ୍ତ ଅଞ୍ଚଳରେ ତହସିଲଦାର, ବିଡିଓ, କ୍ଷେତ୍ରସ୍ତରୀୟ କର୍ମଚାରୀ ଓ ଅନ୍ୟାନ୍ୟ ବିଭାଗ ସହ ସମନ୍ୱୟ ରକ୍ଷା କରି ଆଶ୍ରୟସ୍ଥଳୀ ଗୁଡ଼ିକର ପ୍ରସ୍ତୁତି ଓ ଆବଶ୍ୟକୀୟ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥାର ଉପଲବ୍ଧତା ସୁନିଶ୍ଚିତ କରିବେ। ଏଥିସହ ପରିସ୍ଥିତି ଉପରେ ନିୟମିତ ନଜର ରଖିବା ସହ ଆବଶ୍ୟକ ସ୍ଥଳେ ତ୍ୱରିତ ପଦକ୍ଷେପ ଗ୍ରହଣ କରିବେ। ଜନସାଧାରଣଙ୍କ ସୁରକ୍ଷା ଓ ଧନଜୀବନର ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ଜିଲ୍ଲା ପ୍ରଶାସନ ସମସ୍ତ ଆବଶ୍ୟକୀୟ ପ୍ରସ୍ତୁତି ଓ ସତର୍କତାମୂଳକ ପଦକ୍ଷେପ ଜାରି ରଖିଛି।

ନାବାଳକ ହତ୍ୟା ଘଟଣାର ଅନୁଧ୍ୟାନ କଲେ କଂଗ୍ରେସ ପ୍ରତିନିଧି ଦଳ



ବାଲେଶ୍ୱର, ନ୍ୟୁଜ୍

ନାବାଳକ ଦିନେଶ ବାଗସିଂ ହତ୍ୟା ମାମଲାର ତା ପରିବାରକୁ ନ୍ୟାୟ ପ୍ରଦାନ ଉଦ୍ଦେଶ୍ୟରେ ରାଜ୍ୟ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ ଏକ ପ୍ରତିନିଧି ଦଳ ନୀଳଗିରି ବ୍ଲକଳ ତେନ୍ତୁଳିଆ ଗ୍ରା.ପ.ରେ ପହଞ୍ଚିଥିଲେ। ଏହି ପ୍ରତିନିଧି ଦଳର ମୁଖ୍ୟ ଭାବରେ କଂଗ୍ରେସ ବିଧାୟକ ଦଳ ଉପନେତା ଅଶୋକ ଦାସ ଆସିଥିବା ବେଳେ ଯଶବନ୍ତ ସିଂ ଲାଗୁରୀ ପୂର୍ବତନ ସାଂସଦ, ଅଧ୍ୟକ୍ଷ ପିସିସି ଅନୁସୂଚିତ ଜନଜାତି ବିଭାଗ, ସତ୍ୟଶିବ ଦାସ ବାଲେଶ୍ୱର ଜିଲ୍ଲା ସଭାପତି, ବିଧାନ ଚନ୍ଦ୍ର ଜେନା କଂଗ୍ରେସ ନେତା ବାଙ୍କନିଧି ବେହେରା ସାଧାରଣ ସମ୍ପାଦକ ପିସିସି, ସୁଦର୍ଶନ ଦାସ, ଅଧ୍ୟକ୍ଷ ଆର୍‌ଜି ପିଆର୍‌ଏସ୍ ବିଧାୟକ ପ୍ରାର୍ଥୀ ଜଳେଶ୍ୱର, ସୁଦର୍ଶନ ଜେନା ପୂର୍ବତନ ବିଧାୟକ, ରେଣୁଣୀ, ସୁବ୍ରତ ଧଡା, ବିଧାୟକ ପ୍ରାର୍ଥୀ ସୋର, ପ୍ରତୀକ ସାହୁ ଜିଲ୍ଲା ମହିଳା କଂଗ୍ରେସ ସଭାପତି ଉର୍ମିଳା ମାଝୀ, ରାଜ୍ୟ ମହିଳା କଂଗ୍ରେସ ଉପ ସଭାପତି ବାସନ୍ତୀ ସାମଲ, ରାଜ୍ୟ ମହିଳା କଂଗ୍ରେସ ଉପସଭାପତି ପ୍ରତିମା ପଣ୍ଡା, ନାରୀ ନେତ୍ରୀ କୁନ୍ତୁଦିନୀ ଦାସ ପ୍ରମୁଖ ନୀଳଗିରି କଂଗ୍ରେସ ନେତା ତପନ କୁମାର ରାଉତ ପ୍ରମୁଖ ତେନ୍ତୁଳିଆ ଗ୍ରା:ପ ମୃଆସହି ଗ୍ରାମର ହତ୍ୟା କରାଯାଇଥିବା ନାବାଳକ ଦିନେଶର ପରିବାର ପାଖରେ ପହଞ୍ଚିଥିଲେ। ସେଠାରେ ନୀଳଗିରି କଂଗ୍ରେସ ତରଫରୁ ନଗର ସଭାପତି ଉପେନ୍ଦ୍ର ବେହେରା, ଜିଲ୍ଲା କଂଗ୍ରେସ ଉପ ସଭାପତି ରାମକୃଷ୍ଣ ଜେନା, ପୂର୍ବତନ ବିଧାୟକ ପ୍ରାର୍ଥୀ ଦୀପ୍ତିକାନ୍ତ ମହାପାତ୍ର, ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ଯଶୋଦା ନନ୍ଦନ ସିଂହ, ଜିଲ୍ଲା ସମ୍ପାଦକ ରାହାସ ବିହାରୀ ମହାପାତ୍ର, ଜିଲ୍ଲା ସାଧାରଣ ସମ୍ପାଦକ ଯୋଗେଶ୍ୱର ବେହେରା, ଜିଲ୍ଲା ସାଧାରଣ ସମ୍ପାଦକ ପ୍ରଦୀପ ବେହେରା, ପୂର୍ବତନ ଛାତ୍ର କଂଗ୍ରେସ ସଭାପତି ଅଶ୍ୱିନୀ ପାତ୍ର, ଆଦର୍ଶ ଗୌରବ ଦାସ, ରଞ୍ଜିତ୍ ନାୟକ, ଦୀପକ ସିଂ, ଉମାଶଙ୍କର ଦାସ, ଯଶୋଦା ନାୟକ, ଗୌରହରି ନାୟକ, ସୂର୍ଯ୍ୟମଣୀ ବେହେରା, ଧୀରେନ୍ଦ୍ର ନାୟକ, ପ୍ରସନ୍ନ ପାତ୍ର ଓ ବହୁ କଂଗ୍ରେସ ପୂର୍ବତନ ସରପଞ୍ଚ ସମିତି ସଭ୍ୟ ଓ କର୍ମୀ ଏବଂ ଉକ୍ତ ଅଞ୍ଚଳର ଜନସାଧାରଣଙ୍କ ଉପସ୍ଥିତିରେ ତାଙ୍କ ଘର ଅଗଣାରେ ଏକ ବୈଠକ ହୋଇଥିଲା। ଏହି ବୈଠକରେ ଜିଲ୍ଲା କଂଗ୍ରେସ ସଭାପତି ସତ୍ୟ ଶିବ ଦାସ ଅଧ୍ୟକ୍ଷତା କରିଥିଲେ। ବୈଠକରେ ସମସ୍ତ ବିବରଣୀ ଆଲୋଚନା ପରେ ଦୋଷୀକୁ ଉଚିତ୍ ଦଣ୍ଡ ଓ ତଦନ୍ତକୁ ନିରପେକ୍ଷ କରିବା ପାଇଁ ପ୍ରତିନିଧି ଦଳର ମୁଖ୍ୟ ବିଧାୟକ ଅଶୋକ ଦାସ ଏସ୍‌ଡିପିଓ ନୀଳଗିରିଙ୍କୁ କହିଥିଲେ। ଏବଂ ଉକ୍ତ ପରିବାରକୁ ସହାୟତା ସ୍ୱରୂପ ମୁଖ୍ୟମନ୍ତ୍ରୀ ଚିଲିଫ ପାଣ୍ଠିରୁ ୧୦ ଲକ୍ଷ ଟଙ୍କା ପ୍ରଦାନ ଓ ଦିନେଶର ମା' ଛେଉଣ୍ଡ ଛୋଟ ଭଉଣୀକୁ ପାଠ ପଢ଼ାରେ ସମସ୍ତ ସୁବିଧା ଯୋଗାଇଦେବା ଓ ବାସହୀନ ଏହି ପରିବାରକୁ ତୁରନ୍ତ ସରକାରୀ ବାସଗୃହ ଯୋଗାଇଦେବା ଦାବି ରଖିଥିଲେ। ଏହି ଦାବି ଗୁଡ଼ିକ ପୂରଣ ନହେଲେ ରାଜ୍ୟ କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇବ ବୋଲି ପର୍ଯ୍ୟବେକ୍ଷକ ଟିମ୍ ପ୍ରକାଶ କରିଥିଲେ। ଉକ୍ତ ଘଟଣାକୁ ଗୁରୁତ୍ୱର ସହିତ ନେଇ ପୂର୍ବତନ ସାଂସଦ ତଥା କେନ୍ଦ୍ର ମନ୍ତ୍ରୀ ଶ୍ରୀକାନ୍ତ ଜେନା ୧୫ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିବା ସହିତ ତାଙ୍କର ଶୁଦ୍ଧିକ୍ରିୟାର ଖର୍ଚ୍ଚ ପାଇଁ ଅର୍ଥ ଯୋଗାଇ ଦେବେ ଓ ବାସଗୃହ ନିର୍ମାଣ ପାଇଁ ଜିଲ୍ଲାପଳଙ୍କ ସହିତ କଥା ହୋଇଛନ୍ତି ବୋଲି ପର୍ଯ୍ୟବେକ୍ଷକ ଦଳ ପ୍ରକାଶ କରିଥିଲେ। ପରିଶେଷରେ ତପନ କୁମାର ରାଉତ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

ଖୋର୍ଦ୍ଧା ଜିଲ୍ଲାର ୧୨୬୧ ଗାଁ ବାଲ୍ୟ ବିବାହ ମୁକ୍ତ ଘୋଷିତ

ଖୋର୍ଦ୍ଧା, ନ୍ୟୁଜ୍ ବ୍ୟୁରୋ

ଖୋର୍ଦ୍ଧା ଜିଲ୍ଲାର ୧୮୫ ପଞ୍ଚାୟତର ୧୨୬୧ ରାଜସ୍ୱ ଗ୍ରାମକୁ ବାଲ୍ୟ ବିବାହ ମୁକ୍ତ ଗ୍ରାମ ଭାବେ ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ଦ୍ୱାରା ଘୋଷଣା କରାଯାଇଛି। ଓଡ଼ିଶାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ରୁଚିକା ସମାଜ ମଙ୍ଗଳ ସଂଗଠନ ଓ ଖୋର୍ଦ୍ଧା ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଆୟୋଜିତ ବାଲ୍ୟ ବିବାହ ମୁକ୍ତ ଭରତ ଅଭିଯାନରେ ୧୨୬୧ ଗ୍ରାମକୁ ବାଲ୍ୟ ବିବାହ ମୁକ୍ତ ଗ୍ରାମ ଭାବେ ଘୋଷଣା କରି ଖୋର୍ଦ୍ଧା ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରା କହିଲେ ଯେ ରୁଚିକା ଭଳି ସାମାଜିକ ଅନୁଷ୍ଠାନ ଓ ଖୋର୍ଦ୍ଧା ଜିଲ୍ଲା ପ୍ରଶାସନର ସମସ୍ତ କର୍ମୀ ପ୍ରାୟ ୨ ବର୍ଷ କାଳ ଅକ୍ଲାନ୍ତ ପରିଶ୍ରମ କରି ଏହି ଐତିହାସିକ ସଫଳତା ହାସଲ କରିଛନ୍ତି। ଭାରତ ସରକାର ଓ ଓଡ଼ିଶା ସରକାରଙ୍କ ନିତି ନିର୍ଦ୍ଦେଶ ଅନୁଯାୟୀ ଏହି ଗ୍ରାମଗୁଡ଼ିକରେ ୬ ରୁ ୧୪ ବର୍ଷର ସମସ୍ତ ଶିଶୁ ସ୍କୁଲକୁ ଯାଉଛନ୍ତି, ୧୧ ରୁ ୧୯ ବର୍ଷର ସମସ୍ତ କିଶୋର କିଶୋରୀ ଅଙ୍ଗନୱାଡିର ଅଦ୍ୟିକା କାର୍ଯ୍ୟକ୍ରମରେ ପଞ୍ଜୀକୃତ ହୋଇଥିବା ବେଳେ ଗତ ୦୧.୦୧.୨୦୨୫ ତାରିଖ ଠାରୁ ଆଜି ପର୍ଯ୍ୟନ୍ତ କୌଣସି ବାଲ୍ୟ ବିବାହ ହୋଇନାହିଁ। ତେଣୁ ଭାରତ ସରକାରଙ୍କ ନିର୍ଦ୍ଦେଶ ନାମା ଅନୁସାରେ ଗତ ଅକ୍ଟୋବର ୨ ତାରିଖରେ ଅନୁଷ୍ଠିତ ଗ୍ରାମ ସଭାଗୁଡିକରେ ବିଧିବଦ୍ଧ ଭାବେ ଡିଜୋଲୁସନ୍ କରାଯାଇ ଏହି ଘୋଷଣା କରାଯାଇଛି। ଅନ୍ୟତମ ଅତିଥି ଭାବେ ଜଷ୍ଟ ରାଇଟ୍ସ ଫର୍ ଚିଲ୍ଡ୍ରେନ୍ ଏ୍ୱାର୍ଲ୍ଡ ନୂଆଦିଲ୍ଲୀର ଜାତୀୟ ସଚିବ ଓମ୍ ପ୍ରକାଶ ପାଲ୍ କହିଲେ ବିଶ୍ୱକୁ ବାଲ୍ୟ ବିବାହ ମୁକ୍ତ କରିବା ପାଇଁ ହେଲେ ସମାଜର ସମସ୍ତ ବ୍ୟକ୍ତି, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ସରକାରଙ୍କର ଭାଗିଦାରିତା ଆବଶ୍ୟକ। ଏହି ପରିପ୍ରେକ୍ଷୀରେ ନଭେମ୍ବର ୨୭ ତାରିଖକୁ ଆର୍ନ୍ତଜାତୀକ ବାଲ୍ୟ ବିବାହ ନିରୋଧ ଦିବସ ଭାବେ ପାଳନ କରିବାକୁ ମିଳିତ ଜାତିସଂଘର ପ୍ରୟାସ ପାଇଁ ସେ ଜଷ୍ଟ୍ ରାଇଟ୍ସ ଫର୍ ଚିଲ୍ଡ୍ରେନ୍‌ର ପ୍ରତିଷ୍ଠାତା



ଭୁବନ ଚିଭୁ ଓ ଭାରତ ସରକାରଙ୍କ ପ୍ରୟାସକୁ ଭୁରି ଭୁରି ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରୁଚିକା ସମାଜ ମଙ୍ଗଳ ସଂଗଠନର ସମ୍ପାଦକଉମ୍ମା ଶଙ୍କର ଷଡ଼ଙ୍ଗୀ କହିଲେ ବାଲ୍ୟ ବିବାହ ଏକ ସାମାଜିକ ଅପରାଧ। ରୁଢ଼ିବାଦୀ ସମାଜରେ କନ୍ୟା ରତ୍ନ ମାନଙ୍କୁ ଏକ ଶୃଙ୍ଖଳା ମଧ୍ୟରେ ବନ୍ଦୀ କରି ସେମାନଙ୍କ ଶିକ୍ଷା ଓ ଅଧିକାରକୁ ସେମାନଙ୍କ ଠାରୁ ଏହା ଦ୍ୱାରା ବଳ ପୂର୍ବକ ଛଡ଼ାଇ ନିଆଯାଉଛି। ତେଣୁ କେବଳ ଜନ ସଚେତନତା ନୁହେଁ ଆଇନ୍ ଗତ କଠୋର କାର୍ଯ୍ୟାନୁଷ୍ଠାନ ଓ ପ୍ରଗତିଶୀଳ ନାରୀ ଶିକ୍ଷା ଏହାକୁ ରୋକିପାରିବ। ଖୋର୍ଦ୍ଧା ଜିଲ୍ଲାରେ ଜାତୀୟ ସ୍ୱାସ୍ଥ୍ୟ ସର୍ବେକ୍ଷଣ ୬ ଅନୁସାରେ ଓଡ଼ିଶାରେ ୧୮.୬ % ଓ ଖୋର୍ଦ୍ଧା ଜିଲ୍ଲାରେ ପ୍ରାୟ ଶତକଡା ୧୪% ରୁ ଅଧିକ ଥିଲା ବାଲ୍ୟ ବିବାହ କରୁଛନ୍ତି। ଏହି ସମସ୍ୟାକୁ ଜିଲ୍ଲା ପ୍ରଶାସନ ସହ ମିଶି ଆମେ ୨୦୩୦ ମସିହା ସୁଧା ଜଷ୍ଟ ରାଇଟ୍ସ ଫର୍ ଚିଲ୍ଡ୍ରେନ୍ ସହାୟତାରେ ଶୂନ୍ୟ କରିପାରିବୁ ବୋଲି

ପକ୍ଷାତ୍ତରୀୟ

32 YEARS

ସମ୍ବାଦ କଲିକା

ଭାରତରେ ୩ ଲକ୍ଷ ପାର୍ କଲା ଇଲେକ୍ଟ୍ରିକ୍ କାର୍ ବିକ୍ରି

ପେଟ୍ରୋଲ ଏବଂ ଡିଜେଲର ଦର ବୃଦ୍ଧି ପରେ ବର୍ତ୍ତମାନ ଲୋକଙ୍କର ମୋହ ଇଲେକ୍ଟ୍ରିକ୍ କାର୍ ବା ଇଭି ଆଡ଼କୁ ଅଧିକ ଆକୃଷ୍ଟ ହେଉଛି । ଗତ କିଛି ସମୟ ମଧ୍ୟରେ ଭାରତରେ ଇଲେକ୍ଟ୍ରିକ୍ କାରର ଚାହିଦା ଦ୍ରୁତ ଗତିରେ ବୃଦ୍ଧି ପାଇଛି । ଏହାର ଅନୁମାନ ଏହି କଥାରୁ ଲଗାଯାଇପାରିବ ଯେ, ୨୦୨୬ ମସିହାରେ ବର୍ତ୍ତମାନ ସୁଦ୍ଧା ଦେଶରେ ୩ ଲକ୍ଷରୁ ଅଧିକ ଇଲେକ୍ଟ୍ରିକ୍ କାର୍ ଲୋକମାନେ କିଣିଛନ୍ତି । ଏହି ପରିସଂଖ୍ୟାନ ସହିତ ଇଲେକ୍ଟ୍ରିକ୍ କାରର ବିକ୍ରି ଏଯାବତ ସମସ୍ତ ପୁରୁଣା ରେକର୍ଡ ଭାଙ୍ଗି ଦେଇଛି । ଯଦି ୨୦୨୫ ମସିହା କଥା କହିବା, ତେବେ ଗତ ବର୍ଷ ୧.୯୬ ଲକ୍ଷ ଇଲେକ୍ଟ୍ରିକ୍ କାର୍ ବିକ୍ରି ହୋଇଥିଲା । ସେହିପରି, ଏହି ବର୍ଷ ଡିସେମ୍ବର ସୁଦ୍ଧା ଏହି ସଂଖ୍ୟା ୩.୨୫ ଲକ୍ଷରୁ ଅଧିକ ୟୁନିଟ୍ ବିକ୍ରି ପର୍ଯ୍ୟନ୍ତ ପହଞ୍ଚିପାରେ । 'ବାହନ' ପୋର୍ଟାଲର ତଥ୍ୟ ଅନୁଯାୟୀ, ନଭେମ୍ବର ୯, ୨୦୨୬ ସୁଦ୍ଧା ଭାରତବର୍ଷରେ ମୋଟ ୩,୦୪,୭୦୧ଟି ଇଲେକ୍ଟ୍ରିକ୍ କାର୍ ପଞ୍ଜୀକୃତ ହୋସାରିଛି । ୨୦୨୫ ମସିହା ତୁଳନାରେ ଏଥିରେ ପ୍ରାୟ ୫୬ ପ୍ରତିଶତର ବୃଦ୍ଧି ଦେଖିବାକୁ ମିଳିଛି । ଯଦି ବର୍ଷର ଶେଷ ଦୁଇ ମାସରେ ମଧ୍ୟ ବିକ୍ରିର ଏହି ଗତି ଜାରି ରହେ, ତେବେ ୨୦୨୬ରେ ଇଲେକ୍ଟ୍ରିକ୍ କାର୍ ବିକ୍ରିରେ ପ୍ରାୟ ୬୬ ପ୍ରତିଶତର ବାର୍ଷିକ ବୃଦ୍ଧି ଦେଖିବାକୁ ମିଳିପାରେ । ଇଲେକ୍ଟ୍ରିକ୍ କାର୍ ବିକ୍ରି ମାମଲାରେ ଟାଟା ମୋଟର୍ସ ନମ୍ବର-୧ ସ୍ଥାନରେ ବଜାୟ ରହିଛି । ଟାଟା ମୋଟର୍ସ ପାଖରେ ଭାରତୀୟ ବଜାରରେ ଇଲେକ୍ଟ୍ରିକ୍ କାରର ୭ଟି ମଡେଲ୍ ରହିଛି । ଟାଟା ମୋଟର୍ସ ଜାନୁଆରୀ ୧ ରୁ ନଭେମ୍ବର ୯, ୨୦୨୬ ମଧ୍ୟରେ ମୋଟ ୧,୨୦,୮୯୫ଟି ଇଲେକ୍ଟ୍ରିକ୍ କାର୍ ବିକ୍ରି କରିଛି । ଏହା ସହିତ କମ୍ପାନୀର ବଜାର ଅଂଶ ୩୯.୬୭ ପ୍ରତିଶତରେ ପହଞ୍ଚିଛି । ଏହି ତାଲିକାରେ ଦ୍ୱିତୀୟ ସ୍ଥାନରେ ରହିଛି ମହିନ୍ଦ୍ରା । କମ୍ପାନୀ ଏହି ବର୍ଷ ବିକ୍ରି ମାମଲାରେ JSW MG Motor କୁ ପଛରେ ପକାଇ ଦ୍ୱିତୀୟ ସ୍ଥାନ ଦଖଲ କରିଛି । ମହିନ୍ଦ୍ରା ଏହି ସମୟ ମଧ୍ୟରେ ୬୯,୬୬୦ଟି ଇଲେକ୍ଟ୍ରିକ୍ କାର୍ ବିକ୍ରି କରିଥିବାବେଳେ ଏହାର ବଜାର ଅଂଶ ୨୨.୮୬ ପ୍ରତିଶତ ରହିଛି । ଗତ ବର୍ଷ ଦ୍ୱିତୀୟ ସ୍ଥାନରେ ଥିବା JSW MG Motor କମ୍ପାନୀ ଏଥର ତୃତୀୟ ସ୍ଥାନକୁ ଖସିଆସିଛି । କମ୍ପାନୀ ୫୯,୯୮୮ଟି ଇଲେକ୍ଟ୍ରିକ୍ କାର୍ ବିକ୍ରି କରିଥିବାବେଳେ ଏହାର ବଜାର ଅଂଶ ୧୮.୭୦ ପ୍ରତିଶତ ରହିଛି । ଭିନଫାଷ୍ଟ ୧୫,୮୬୭ ୟୁନିଟ୍ ବିକ୍ରି ସହିତ ଷଷ୍ଠ ସ୍ଥାନରେ ରହିଛି । ସେହିପରି ମାରୁତି ସୁଜୁକି ୧୨,୩୯୦ଟି ଇଲେକ୍ଟ୍ରିକ୍ କାର୍ ପଞ୍ଜୀକରଣ କରାଇ ପଞ୍ଚମ ସ୍ଥାନରେ ରହିଛି । କିଆ ୭,୬୧୨, ବିଓ୍ୱାଇଡି ୬,୭୫୫ ଏବଂ ହୁଣ୍ଡାଇ ୬,୦୧୩ଟି ଇଲେକ୍ଟ୍ରିକ୍ କାର୍ ବିକ୍ରି କରିଛନ୍ତି । ଟୟୋଟା ମାତ୍ର ୭୬୨ ୟୁନିଟ୍ ଏବଂ ସିଟ୍ରୋଏନ୍ ୪୩୬ ୟୁନିଟ୍ ବିକ୍ରି କରିଛନ୍ତି । ଲଗ୍‌ଜରୀ ଇଲେକ୍ଟ୍ରିକ୍ କାର୍ ବଜାରରେ ବିଏମଡବ୍ଲୁ ନମ୍ବର ୧ ସ୍ଥାନରେ ଅଛି । କମ୍ପାନୀ ନଭେମ୍ବର ୯ ସୁଦ୍ଧା ଭାରତରେ ୪,୨୭୩ଟି ଇଲେକ୍ଟ୍ରିକ୍ କାର୍ ବିକ୍ରି କରିଛି । ମର୍ସିଡିଜ୍-ବେଞ୍ଜ ୧,୪୧୬ ୟୁନିଟ୍ ବିକ୍ରି କରିଥିବାବେଳେ ଟେସଲା ୧,୧୫୩, ଭୋଲଭୋ ୩୮୩ ଏବଂ ପୋର୍ସେ ୮୩ଟି ଇଲେକ୍ଟ୍ରିକ୍ କାର୍ ବିକ୍ରି କରିଛନ୍ତି । ଏହା ବ୍ୟତୀତ ରଲ୍ସ-ରଏସ୍ର ୬ଟି, ଲୋଟସ୍ ର ୩ଟି ଏବଂ ଅଡ଼ିର ୨ଟି ଇଲେକ୍ଟ୍ରିକ୍ କାର୍ ପଞ୍ଜୀକୃତ ହୋଇଛି । ଜାଗୁଆର୍ ଲ୍ୟାଣ୍ଡ ରୋଭର ନାମରେ ମଧ୍ୟ ଏହି ସମୟରେ ୪ଟି ଇଲେକ୍ଟ୍ରିକ୍ କାର୍ ପଞ୍ଜୀକରଣ ହୋଇଛି, କିନ୍ତୁ କମ୍ପାନୀ ଗତ ଦୁଇ ବର୍ଷ ହେବ କୌଣସି ନୂତନ ଇଲେକ୍ଟ୍ରିକ୍ କାର୍ ଲଞ୍ଚ କରିନାହିଁ । ତେଣୁ ଏହି ପଞ୍ଜୀକରଣଗୁଡ଼ିକ ଏହାର ଆଗାମୀ 'ରେଞ୍ଜ ରୋଭର ଇଲେକ୍ଟ୍ରିକ୍' ର ବୋଲି ଅନୁମାନ କରାଯାଉଛି, ଯାହାକୁ କମ୍ପାନୀ ୨୦୨୭ରେ ବଜାରକୁ ଆଣିବା ପାଇଁ ପ୍ରସ୍ତୁତି କରୁଛି ।

ଶ୍ରୀ ରାଧା ପାଦ ଦର୍ଶନ ଭକ୍ତି ଓ ମୋକ୍ଷର ପରମ ମାର୍ଗ



ସନ୍ଥ ରାମ୍ ଦାସଜୀ ମହାରାଜ୍
ଶ୍ରୀଧାମ ବୃନ୍ଦାବନ
Email:
ramdasjimaharajvrindaban@gmail.com
ମୋ-୯୨୮୬୫୧୫୪୩୩

ହିନ୍ଦୁ ଧର୍ମ ଏବଂ ବୈଷ୍ଣବ ଭକ୍ତିରେ ଶ୍ରୀ ରାଧା ରାଣୀଙ୍କ ଚରଣ କମଳର ଦର୍ଶନକୁ ପରମ କଲ୍ୟାଣକାରୀ ବୋଲି ବିବେଚନା କରାଯାଇଛି । ଶାସ୍ତ୍ର ଅନୁସାରେ, ଶ୍ରୀ ରାଧା ରାଣୀଙ୍କ ଶ୍ରୀଚରଣର ଦର୍ଶନ ଅତ୍ୟନ୍ତ ଦୁର୍ଲଭ, କାରଣ ବର୍ଷସାରା ତାଙ୍କର ଚରଣ ବସ୍ତ୍ର ଏବଂ ଅଳଙ୍କାର ଦ୍ୱାରା ଆଚ୍ଛାଦିତ ହୋଇରହିଥାଏ। ବର୍ଷରେ କେବଳ ବିଶେଷ ତିଥିରେ (ଯେପରିକି ରାଧାଷ୍ଟମୀ ଏବଂ କାର୍ତ୍ତିକ ମାସର ଆମଳା ନବମୀ) ଭକ୍ତମାନେ ତାଙ୍କର ପାବନ ଚରଣର ପ୍ରତ୍ୟକ୍ଷ ଦର୍ଶନ ଲାଭ କରିଥାଆନ୍ତି ।

ରାଧା ପଦ ଦର୍ଶନର ଆଧ୍ୟାତ୍ମିକ ମହତ୍ତ୍ୱ: ବୃନ୍ଦାବନ ଓ ବ୍ରଜର ସନ୍ଥମାନଙ୍କର ବିଶ୍ୱାସ ଯେ ଶ୍ରୀକୃଷ୍ଣ ସମ୍ପୂର୍ଣ୍ଣ ବ୍ରହ୍ମାଣ୍ଡକୁ ନିଜ ଆଡ଼କୁ ଆକର୍ଷିତ କରନ୍ତି, କିନ୍ତୁ ଶ୍ରୀରାଧାରାଣୀ ନିଜର ଅଦ୍ୱିତୀୟ ପ୍ରେମ-ଭକ୍ତି ଦ୍ୱାରା ସ୍ୱୟଂ ଶ୍ରୀକୃଷ୍ଣଙ୍କୁ ମଧ୍ୟ ଆକର୍ଷିତ କରିନିଅନ୍ତି । ଭଗବାନ ସଦାଶିବ ଗର୍ଗ ସଂହିତାରେ କହିଛନ୍ତି ଯେ କୋଟିକୋଟି ମହାଲକ୍ଷ୍ମୀ ମଧ୍ୟ ଶ୍ରୀକିଶୋରୀ ଜୀଙ୍କ ଚରଣର ଦିବ୍ୟ ଆଭା ସମ୍ମୁଖରେ ତିଷ୍ଠି ପାରିବେ ନାହିଁ ।

ମୋକ୍ଷ ପ୍ରାପ୍ତି: ମାନ୍ୟତା ଅଛି ଯେଉଁ ଭକ୍ତ ସଚ୍ଚା ହୃଦୟରେ ରାଧାରାଣୀଙ୍କ ଚରଣ ଦର୍ଶନ କରିନିଏ, ତାଙ୍କ ଜୀବନର ସମସ୍ତ କଷ୍ଟ ଦୂର ହୋଇଯାଏ ଏବଂ ତାଙ୍କୁ ଗୋଲୋକ ଧାମ (ମୋକ୍ଷ) ପ୍ରାପ୍ତି ହୁଏ। ଶାନ୍ତି ଏବଂ ସକାରାତ୍ମକତା: ମାନସିକ ଚାପ ବା ଡିପ୍ରେସନ ସହିତ ସଂଘର୍ଷ କରୁଥିବା ବ୍ୟକ୍ତି ଯଦି ସକାଳେ ଉଠି ଶ୍ରୀରାଧାଙ୍କ ଚରଣର ଧ୍ୟାନ କରନ୍ତି, ତେବେ ସେମାନଙ୍କ ଜୀବନରେ ଅସୀମ ଶାନ୍ତି ସଞ୍ଚାର ହୁଏ। କେବେ ଏବଂ କୋଉଠି ହୁଏ ଦୁର୍ଲଭ ଦର୍ଶନ ?

ଅଅଁଳା ନବମୀ (ଅକ୍ଷୟ ନବମୀ): ଓଡ଼ିଶାର ପୁରୀ ଜିଲ୍ଲାରେ ଅବସ୍ଥିତ ପ୍ରସିଦ୍ଧ ସାକ୍ଷୀଗୋପାଳ ଗୋପୀନାଥ ମନ୍ଦୀରରେ ଅଅଁଳା ନବମୀରେ ଶ୍ରୀରାଧାରାଣୀଙ୍କୁ ପାରମ୍ପରିକ ଓଡ଼ିଆ ଶାଢ଼ି (କାନିଆ କଚ୍ଛ ବେଶ) ପିନ୍ଧାଯାଏ, ଯେଉଁଠାରେ ଗୋଟିଏ ଦିନ ପାଇଁ ତାଙ୍କ ଚରଣ ଦର୍ଶନ ପାଇଁ ଖୋଲାଯାଏ।

ରାଧାଷ୍ଟମୀ: ବ୍ରଜ ମଣ୍ଡଳର ପ୍ରମୁଖ ମନ୍ଦିରମାନଙ୍କରେ (ଯେପରି ବର୍ଷାନାର ଶ୍ରୀଜୀ ମନ୍ଦିର ଏବଂ ବୃନ୍ଦାବନର ବିଭିନ୍ନ ଇସ୍କନ ଓ ରାଧାବଲ୍ଲଭ ମନ୍ଦିର) ରାଧାଷ୍ଟମୀର ପାବନ ଅବସରରେ ମଙ୍ଗଳା ଆରତି ସମୟରେ ଦିବ୍ୟ ଚରଣ ଦର୍ଶନ କରାଯାଏ। ପ୍ରାକୃତିକ ଚରଣ ଶିଳା: ବର୍ଷାନାର ଗହ୍ୱର ବନରେ ଆଜି ମଧ୍ୟ ୫୦୦୦ ବର୍ଷ ପୁରୁଣା ପ୍ରାକୃତିକ ଚରଣ ଶିଳା ବିଦ୍ୟମାନ ଅଛି, ଯେଉଁଠାରେ ରାଧା ଜୀଙ୍କ ପାଦର ସାକ୍ଷାତ୍ ଚିହ୍ନ ଉଭା ହୋଇଛି ।

ରାଧା ପଦ ରଜର ମହିମା (ସୁନ୍ଦର ଶ୍ଲୋକ)

ଶ୍ରୀରାଧା ରସସୁଧାନିଧିରେ ତାଙ୍କ ଚରଣର ସ୍ତୁତି କରି କୁହାଯାଇଛି:

"ଜିହ୍ୱା ରାଧା ଶ୍ରୁତୌ ରାଧା ରାଧା ନେତ୍ରେ ହୃଦି ସ୍ଥିତା।
ସର୍ବାଙ୍ଗବ୍ୟାପିନୀ ରାଧା ରାଧୈବାରାଧ୍ୟତେ ମୟା''

ଅର୍ଥାତ୍, ଯାହାଙ୍କ ଜିହ୍ୱାରେ ରାଧା, କାନରେ ରାଧା, ନେତ୍ରରେ ରାଧା ଏବଂ ହୃଦୟରେ ରାଧା ବିରାଜମାନ, ତାଙ୍କର ସମସ୍ତ ଚକ୍ର ଶୁଦ୍ଧ ହୋଇଯାଏ। ଶ୍ରୀରାଧାରାଣୀଙ୍କ ଚରଣ କମଳ କେବଳ ସୌନ୍ଦର୍ଯ୍ୟର ପ୍ରତୀକ ନୁହେଁ, ବରଂ ସେମାନେ ପରମ ପ୍ରେମ, କରୁଣା ଏବଂ ଶରଣାଗତିର ସାକ୍ଷାତ୍ ସ୍ୱରୂପ ଅଟନ୍ତି। ତାଙ୍କ ଚରଣର ଧ୍ୟାନ କରିବା ମାତ୍ରେ ମଣିଷ ଭବସାଗର ପାର ହୋଇଯାଏ।



ପବିତ୍ର ମୋହନ ବାରିକ
ଅଧ୍ୟାପକ, ଇତିହାସ ବିଭାଗ
ମଦନପୁର, ଖୋର୍ଦ୍ଧା
ମୋ-୮୮୫୧୯୦୪୭୫

ଅଁଳାବୃକ୍ଷ ଓ ନବମୀର ମାହାତ୍ମ୍ୟ

ହିନ୍ଦୁ ସାମାଜିକ ଓ ଧାର୍ମିକ ବ୍ୟବସ୍ଥାରେ ବୃକ୍ଷର ମାହାତ୍ମ୍ୟକୁ ଯଥେଷ୍ଟ ଗୁରୁତ୍ୱ ଦିଆଯାଇଅଛି। ବୃକ୍ଷକୁ ବୈଜ୍ଞାନିକ ଦୃଷ୍ଟି କୋଣରୁ ବିବେଚନା କଲେ ଏହା ଜଳବାୟୁ ଓ ପରିବେଶକୁ ନିୟନ୍ତ୍ରଣ କରେ। ସଭ୍ୟତାର ଆରମ୍ଭ ସମୟରୁ ଓ ହିନ୍ଦୁ ଗ୍ରନ୍ଥମାନଙ୍କରେ ବୃକ୍ଷର ଉପକାରିତା ଉପରେ ବିସ୍ତୃତ ଭାବରେ ଉଲ୍ଲେଖ ଅଛି। ଚିକିତ୍ସା ବିଜ୍ଞାନ ଓ ଅର୍ଥନୈତିକ ଦୃଷ୍ଟି କୋଣରୁ ବୃକ୍ଷ ଏକ ବରଦାନ ସଦୃଶ୍ୟ। ବୃକ୍ଷର ଆବଶ୍ୟକତାକୁ ଉପଲବ୍ଧି କରି ସମାଜ ଏଥିରେ ଦେବତ୍ୱ ଆରୋପ କରି ପୂଜାର୍ଚ୍ଚନା କରେ। ବିଭିନ୍ନ ପର୍ବ ପର୍ବାଣୀରେ ବୃକ୍ଷ ପୂଜାର ବିଧି ବହୁ ପ୍ରାଚୀନ ସମୟରୁ ପ୍ରଚଳିତ ଅଛି। ସେଥି ମଧ୍ୟରୁ ଅଁଳାବୃକ୍ଷ ପୂଜା କରାଯିବାର ବ୍ୟବସ୍ଥା ଅନ୍ୟତମ। ଧର୍ମମାସ କାର୍ତ୍ତିକ ଶୁକ୍ଳପକ୍ଷ ନବମୀ ତିଥି ଅଁଳାନବମୀ ନାମରେ ପରିଚିତ। ହବିଷ୍ୟାଳିମାନେ କାର୍ତ୍ତିକମାସ ସାରା ଓ ବିଶେଷ କରି ନବମୀଦିନ ଶୁକ୍ଳ ପକ୍ଷରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରିଥାନ୍ତି। ଆୟୁର୍ବେଦରେ ଅଁଳାଫଳ ବହୁଗୁରୁତ୍ୱ ବହନ କରିଥାଏ। ଅଁଳାକୁ ସଂସ୍କୃତ ଭାଷାରେ ବିଭିନ୍ନ ନାମରେ ନାମକରଣ କରାଯାଇଅଛି। ଯଥା- ଶ୍ରୀଫଳା, ଅମୃତା, ଧାତ୍ରୀ, କର୍ଷଫଳା, ବୟସ୍କା, ଶାନ୍ନା, ବୃଷ୍ୟା, ବୃତଫଳ, ରୋଚନୀ ଇତ୍ୟାଦି। ଅଁଳାବୃକ୍ଷ ଉଭୟ ବିଷ୍ଣୁ ଓ ଶିବଙ୍କର ପ୍ରିୟ ବୋଲି ଉଲ୍ଲେଖ ଅଛି। ପବିତ୍ର କାର୍ତ୍ତିକ ମାସରେ ତୁଳସୀ ସହିତ ଅଁଳା ବୃକ୍ଷ ମଧ୍ୟ ପୂଜା କରାଯାଏ। ଅକ୍ଷୟ ତୃତୀୟା ଦିନ ସତ୍ୟ ଯୁଗ ଆରମ୍ଭ ହୋଇଥିଲା ଓ ଅଁଳାନବମୀ ଦିନ ଦ୍ୱାପର ଯୁଗ ଆରମ୍ଭ ହୋଇଥିଲା ବୋଲି ଶାସ୍ତ୍ରରେ ଉଲ୍ଲେଖ ଅଛି। ଅଁଳା ନବମୀଦିନ ଯେଉଁ ପୁଣ୍ୟ ଅର୍ଜନ କରାଯାଇଥାଏ। ତାହା ଅକ୍ଷୟ ହୋଇ ରହେ। ତେଣୁ ଅଁଳା ନବମୀକୁ ଧାତ୍ରୀ ବା ଅକ୍ଷୟ ନବମୀ ବୋଲି ମଧ୍ୟ କୁହାଯାଏ। ଅଁଳା ନବମୀ ଦିନ ଭଗବାନ ବିଷ୍ଣୁ କୁଷ୍ମାଣ୍ଡ ରାକ୍ଷସକୁ ବଧ କରିଥିଲେ। ତେଣୁ ଏହିଦିନ କୁଷ୍ମାଣ୍ଡ ଫଳ ଦାନ କରାଯିବାର ବିଧି ରହିଛି। ପୁରାଣରେ ବର୍ଣ୍ଣନା ଅଛି ସାଗର ମନ୍ଥନ ସମୟରେ ୧୪ଟି ମୂଲ୍ୟବାନ ବସ୍ତୁ ବାହାରିବା ପରେ ଯାହା କିଛି ବଳକା ରହିଥିଲା ସେଥିରୁ ଅଁଳାବୃକ୍ଷ ଜନ୍ମ ନେଇଥିଲା। ଅଁଳାବୃକ୍ଷର ଜନ୍ମ ବୃତ୍ତାନ୍ତକୁ ନେଇ ବର୍ଣ୍ଣନା ଅଛି। ଏକଦା ଲକ୍ଷ୍ମୀ ଓ ପାର୍ବତୀ ଜଙ୍ଗଲରେ ବିଷ୍ଣୁ ଓ ଶିବଙ୍କୁ ପୂଜା କରୁଥିବା ସମୟରେ ତୁଳସୀ ଓ ବେଲପତ୍ର ନଥିଲା। ନାରଦଙ୍କ ପରାମର୍ଶ କ୍ରମେ ବେଲପତ୍ର ଓ ତୁଳସୀର ସମକକ୍ଷ ଅଁଳାବୃକ୍ଷ ମୂଳରେ ସେମାନେ ଶିବ ଓ ବିଷ୍ଣୁଙ୍କର ପୂଜା କଲେ। ଅନ୍ୟ ଏକ ବିଶ୍ୱାସ ଅନୁଯାୟୀ ଲକ୍ଷ୍ମୀ ଓ ଭଗବତୀଙ୍କର ଆନନ୍ଦାଶ୍ରୁ ଅଁଳାବୃକ୍ଷ ଜନ୍ମ ନେଇଥିଲା। ଏକ କିମ୍ବଦନ୍ତି ଅନୁଯାୟୀ ମର୍ତ୍ତ୍ୟରେ ମା ଲକ୍ଷ୍ମୀ ତୁଳସୀ ଓ ବେଲପତ୍ରର ଗୁଣ ଥିବା ଅଁଳାବୃକ୍ଷକୁ ଭଗବାନ ବିଷ୍ଣୁ ଓ ଶିବଙ୍କର ସ୍ୱରୂପ ଭାବି ପୂଜାର୍ଚ୍ଚନା କରିଥିଲେ। ଦେବୀ ଲକ୍ଷ୍ମୀ ଅଁଳାବୃକ୍ଷ ମୂଳେ ଭୋଜନ ପ୍ରସ୍ତୁତ କରି ପ୍ରଭୁ ଶିବ ଓ ବିଷ୍ଣୁଙ୍କୁ ପ୍ରଦାନ କରିଥିଲେ। ତେଣୁ କାର୍ତ୍ତିକ ବ୍ରତ କରିଥିବା ହବିଷ୍ୟାଳିମାନେ ଅଁଳା ବଟକୁ ବିଷ୍ଣୁଙ୍କ ପ୍ରତିମାରେ ସ୍ନାନ କରାଇଥାନ୍ତି। ସେମାନେ ଅଁଳା ଗଛମୂଳେ ହବିଷାନ୍ନ ପ୍ରସ୍ତୁତ କରି ପ୍ରଭୁଙ୍କୁ ଅର୍ପଣ କରିଥାନ୍ତି। ଅଁଳାବୃକ୍ଷ ଚତୁପାର୍ଶ୍ୱରେ ପରିକ୍ରମା କରି ପୂଜାର୍ଚ୍ଚନା କରିଥାନ୍ତି। ଅଁଳାନବମୀରୁ କାର୍ତ୍ତିକ ଶେଷ ପର୍ଯ୍ୟନ୍ତ ଅଁଳାବଟ ବୋଳି ହୋଇ ସ୍ନାନ କରିଥାନ୍ତି ହବିଷ୍ୟାଳିମାନେ। ମହର୍ଷି ବ୍ୟାସ କୃତ ସଂସ୍କୃତ ପଦ୍ମପୁରାଣରେ କାର୍ତ୍ତିକ ମାହାତ୍ମ୍ୟ ସହିତ ମାଳତୀ, ତୁଳସୀ ଓ ଅଁଳା ବୃକ୍ଷର ମହତ୍ତ୍ୱ ସଂପର୍କରେ ଉଲ୍ଲେଖ ଅଛି। ମହାଦେବ ଦାସ ଏହାର ଓଡିଆ ରୂପାନ୍ତରଣ କରିଛନ୍ତି ନବାକ୍ଷରୀ ଛନ୍ଦରେ "କାର୍ତ୍ତିକ ମାହାତ୍ମ୍ୟ"ମାଧ୍ୟମରେ। ମହାଦେବ ଦାସଙ୍କ କାର୍ତ୍ତିକ ମାହାତ୍ମ୍ୟ ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ଓଡିଆ ଧାର୍ମିକ ସାହିତ୍ୟର ଏକ ଅନବଦ୍ୟ ସୃଷ୍ଟି। ଏହା ଭାବ ଗର୍ଭକ ଓ ମନୋଜ୍ଞ। କାର୍ତ୍ତିକ ମାସରେ କାର୍ତ୍ତିକ ବ୍ରତ ପାଳନ ଅବସରରେ ଏହାକୁ ଶ୍ରଦ୍ଧା ଓ ଭକ୍ତିର ସହିତ ପାଠ କରାଯାଏ। ନୈମିଷାରଣ୍ୟରେ ମୁନିଗଣଙ୍କ ପ୍ରଶ୍ନରେ ସୂତମୁନି ଏହି ମାହାତ୍ମ୍ୟ କହିଛନ୍ତି। ୩୨ଟି ଅଧ୍ୟାୟରେ ଏହା ବର୍ଣ୍ଣିତ ହୋଇଛି। "କାର୍ତ୍ତିକ ମାହାତ୍ମ୍ୟ"ର ପ୍ରଥମ ଅଧ୍ୟାୟ ଆରମ୍ଭ ହୋଇଛି ପ୍ରଭୁ ବିଷ୍ଣୁଙ୍କର ସ୍ତବରୁ। ଅଁଳା ମହତ୍ତ୍ୱ ସଂପର୍କରେ ମହାଦେବ ଦାସ କାର୍ତ୍ତିକ ମାହାତ୍ମ୍ୟରେ ଉଲ୍ଲେଖ କରିଛନ୍ତି। କାଳନେମୀଙ୍କ କନ୍ୟା ତଥା ରାକ୍ଷସ ଜଳନ୍ଧରଙ୍କ ପତ୍ନୀ ସତୀସ୍ୱାଧୀ ବୃନ୍ଦାଙ୍କର ସତୀତ୍ୱ ହରଣ କରିଥିଲେ ଭଗବାନ ବିଷ୍ଣୁ। ବୃନ୍ଦା ଭଗବାନ ବିଷ୍ଣୁଙ୍କୁ ଅଭିଶାପ ଦେଇ ଅଗ୍ନିରେ ଆତ୍ମବିସର୍ଜନ କଲେ । ବୃନ୍ଦାଙ୍କ ଆତ୍ମା ଅନ୍ତରିକ୍ଷ ଯାଇ ତିନିଭାଗ ହେଲା। ପାର୍ବତୀ, ଲକ୍ଷ୍ମୀ ଓ ଗାରଦାଙ୍କ ଅଙ୍ଗରେ ବୃନ୍ଦାବତୀଙ୍କର ଆତ୍ମାର ତିନିଭାଗ ସମ୍ମିଳିତ ହେଲା। ଅର୍ଥାତ ବୃନ୍ଦାବତୀଙ୍କର ଆତ୍ମା ସତ୍ତ୍ୱ, ରଜ ଓ ତମ ଗୁଣ ବିଶିଷ୍ଟ ତିନିଭାଗ ହେଲା। ଏହି ତିନି ବୀଜ ତିନି ବୃକ୍ଷ ହେଲା। ତମ ଗୁଣରେ ମାଳତୀ ଧାତ୍ରୀ ବା ଅଁଳା ରଜଗୁଣ ବିଶିଷ୍ଟ ଓ ସତ୍ତ୍ୱ ଗୁଣ ବିଶିଷ୍ଟ ହେଉଛନ୍ତି ତୁଳସୀ। ମାଳତୀ ମର୍ତ୍ତ୍ୟ ବାସିନୀ ଅଟନ୍ତି। ଅଁଳା ବା ଧାତ୍ରୀ ଉଭୟ ମର୍ତ୍ତ୍ୟ ଓ ସ୍ୱର୍ଗ ବାସିନୀ କିନ୍ତୁ ତୁଳସୀ ତ୍ରିପୁର ବାସିନୀ ଶାସ୍ତ୍ରରେ ଉଲ୍ଲେଖ ଅଛି। ମହାଦେବ ଦାସ କାର୍ତ୍ତିକ ମାହାତ୍ମ୍ୟରେ ଭଗବାନ ବିଷ୍ଣୁଙ୍କ ଶ୍ରୀମୁଖରେ ଅଁଳା ସଂପର୍କରେ ଉଲ୍ଲେଖ କରିଛନ୍ତି-

ଅଁଳା, ତୁଳସୀ, ମାଳତୀ
ଏ ତିନି ମୋର ପ୍ରିୟ ବତୀ
ରଜଗୁଣରେ ସରସ୍ୱତୀ
ତା ଅଂଶେ ଧାତ୍ରୀ ଉତପତ୍ତି
ଧାତ୍ରୀ ଯେ ଅଂଶେ ସରସ୍ୱତୀ
ଶୁକଳ ବର୍ଣ୍ଣ ତାର ଜ୍ୟୋତି
ବର୍ତ୍ତୁଳ ଫଳ କ୍ଷୁଦ୍ର ପତ୍ର
ଯେହ୍ନେ ବରୁଣ ଦନ୍ତିଛତ୍ର
ତେମନ୍ତ ଦିଶେ ତରୁ ଶୋଭା
ଦେଖି ଗୋବିନ୍ଦ ମନେଲୋଭା

ଧାର୍ମିକ ତତ୍ତ୍ୱ ସହିତ ଅଁଳା ବୃକ୍ଷର ବୈଜ୍ଞାନିକ ବିଶ୍ଳେଷଣ ଅତ୍ୟନ୍ତ ମାଧୁର୍ଯ୍ୟ ଓ ମନୋଜ୍ଞ। ଅଁଳା ଫଳରେ ଅତ୍ୟଧିକ ଭିଟାମିନ ସି ଥାଏ ଯାହା ବ୍ୟବହାର କଲେ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ସୃଷ୍ଟି କରେ। ଚର୍ମ, ଚକ୍ଷୁ ଓ କେଶ ନିମନ୍ତେ ଅଁଳା ଅମୃତ ସମାନ। ଆୟୁର୍ବେଦରେ ଏହାକୁ ଯୌବନ ରକ୍ଷକ ବୋଲି କୁହାଯାଇଥାଏ। ଅମ୍ଳଜାନ ବୃଦ୍ଧିରେ ଗୁରୁତ୍ୱ ପୂର୍ଣ୍ଣ ଭୂମିକା ନେଇଥାଏ। ଅଁଳାବୃକ୍ଷ ଯାହା ପରିବେଶକୁ ସୁସ୍ଥ ଓ ନିର୍ମଳ ରଖିଥାଏ। ଅଁଳା ଫଳ ଭିଟାମିନ ସି'ର ଭଣ୍ଡାର। ଅମ୍ଳ ଦୂର କରିବାରେ ଅଁଳା ସାହାଯ୍ୟ କରିଥାଏ। ଅଁଳା ଦ୍ୱାରା ଜୀର୍ଣ୍ଣ ଶକ୍ତି ବହୁ ମାତ୍ରାରେ ବୃଦ୍ଧିପାଏ। ରକ୍ତ ପରିଷ୍କାର କରିବା ସହିତ ଶରୀରର ବର୍ଜ୍ୟବସ୍ତୁ ଦୂର କରିଥାଏ। ମୃତ୍ତିକା ସଂରକ୍ଷଣ ଓ ପରିବେଶକୁ ନିର୍ମଳ ରଖିବାରେ ଅଁଳାବୃକ୍ଷର ଅବଦାନ ରହିଛି। ଅଁଳା କେବଳ ଧାର୍ମିକ ମହତ୍ତ୍ୱ ରଖିଥାଏ ତାହା ନୁହେଁ ଏହା ମଧ୍ୟ ଶରୀର ଓ ପରିବେଶକୁ ସୁରକ୍ଷା ପାଇଁ ଭଗବାନଙ୍କର ଏକ ଅମୂଲ୍ୟ ଉପହାର। କାର୍ତ୍ତିକ ମାସରେ ଅଁଳା ପୂଜା କରିବା ଦ୍ୱାରା ପ୍ରକୃତି ଓ ମାନବ ମଧ୍ୟରେ ସମନ୍ୱୟ ଭାବ ସୃଷ୍ଟି ହୋଇଥାଏ। ଅଁଳା ବୃକ୍ଷ ସହିତ ଧାର୍ମିକ ଭାବନା ସଂପୃକ୍ତି କରି ଆମ ବିଜ୍ଞ ପୂର୍ବଜମାନେ ସମାଜକୁ ଏକ ଉପାଦେୟ ବାର୍ତ୍ତା ଦେଇଛନ୍ତି। ଅଁଳା ନବମୀର ଅନ୍ୟତମ ମୁଖ୍ୟ ଆକର୍ଷଣ ସାକ୍ଷୀଗୋପାଳରେ ରାଧାପାଦ ଦର୍ଶନ। ଇତିହାସ ଓ କିମ୍ବଦନ୍ତିକୁ ଭିତ୍ତିକରି ସାକ୍ଷୀଗୋପାଳଠାରେ ଅନୁଷ୍ଠିତ ବହୁଚର୍ଚ୍ଚିତ ଅଁଳା ନବମୀର ଧାର୍ମିକ ଆୟୋଜନ ଅତୀବ ରୋମାଞ୍ଚକର ଓ ମନୋଜ୍ଞ। ଗଜପତି ପୁରୁଷୋତ୍ତମ ଦେବ କାଞ୍

31 YEARS
ସମ୍ବାଦ କଳିଙ୍ଗ
ଭୁବନେଶ୍ୱର, ୧୮ ନଭେମ୍ବର ୨୦୨୬ ବୁଧବାର

ଆଜ୍ଞା

ଧାର୍ମିକ ପରମ୍ପରା ଓ ସଂସ୍କୃତିରେ କାର୍ତ୍ତିକ ମାସର ସ୍ୱତନ୍ତ୍ର ମହତ୍ତ୍ୱ



ଓଡ଼ିଶାର ଧାର୍ମିକ ପରମ୍ପରା ଓ ସଂସ୍କୃତିରେ କାର୍ତ୍ତିକ ମାସର ରହିଛି ସ୍ୱତନ୍ତ୍ର ମହତ୍ତ୍ୱ । ଏହି ମାସର ଶେଷ ପାଞ୍ଚ ଦିନକୁ ପଞ୍ଚୁକ କୁହାଯାଏ । ବଡ଼ ଏକାଦଶୀ ବା ଦେବୋତ୍ଥାନ ଏକାଦଶୀଠାରୁ କାର୍ତ୍ତିକ ପୂର୍ଣ୍ଣିମା ପର୍ଯ୍ୟନ୍ତ ଏହା ପାଳନ କରାଯାଏ । ଏହି ସମୟରେ ଭକ୍ତମାନେ ଭଗବାନ ବିଷ୍ଣୁ ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆରାଧନା କରିବା ସହ ବ୍ରତ, ଉପବାସ ଓ ସାତ୍ତ୍ୱିକ ଜୀବନଯାପନ କରନ୍ତି । ପଞ୍ଚୁକକୁ ଭୀଷ୍ମ ପଞ୍ଚକ ଓ ବଗ ପଞ୍ଚକ ନାମରେ ମଧ୍ୟ ଜଣାଯାଏ । ଧାର୍ମିକ ବିଶ୍ୱାସ ଅନୁଯାୟୀ, ଯେଉଁମାନେ ପୂରା କାର୍ତ୍ତିକ ମାସ ହବିଷ ବ୍ରତ ପାଳନ କରିପାରନ୍ତି ନାହିଁ, ସେମାନେ ଏହି ଶେଷ ପାଞ୍ଚ ଦିନ ନିଷ୍ଠାର ସହ ବ୍ରତ ପାଳନ କଲେ ସମ୍ପୂର୍ଣ୍ଣ ମାସର ପୁଣ୍ୟ ଫଳ ପାଇଥାନ୍ତି । ମହାଭାରତର ପୌରାଣିକ କଥା ଅନୁସାରେ, ଶରଶଯ୍ୟାରେ ଥିବା ପିତାମହ ଭୀଷ୍ମ ଏହି ପାଞ୍ଚ ଦିନ ପାଣ୍ଡବ ଓ ଶ୍ରୀକୃଷ୍ଣଙ୍କୁ ରାଜଧର୍ମ, ମୋକ୍ଷଧର୍ମ ଓ ଦାନଧର୍ମ ବିଷୟରେ ଉପଦେଶ ଦେଇଥିଲେ । ତେଣୁ ଏହାକୁ ଭୀଷ୍ମ ପଞ୍ଚକ କୁହାଯାଏ ।

ବିଶ୍ୱାସ ରହିଛି ଯେ, ଚାରି ମାସର ଯୋଗନିଦ୍ରା ପରେ ବଡ଼ ଏକାଦଶୀ ଦିନ ଭଗବାନ ବିଷ୍ଣୁ ଜାଗ୍ରତ ହୁଅନ୍ତି । ଏହି ଅବସରରେ ତୁଳସୀ ଚଉରା ନିକଟରେ ମୁରୁଜ ପକାଇ ତୁଳସୀ ବିବାହ ଓ ବିଶେଷ ପୂଜାର୍ଚ୍ଚନା କରାଯାଏ । ଅନ୍ୟପଟେ, ଏହି ପାଞ୍ଚ ଦିନରେ ଆମିଷ, ପିଆଜ ଓ ରସୁଣ ତ୍ୟାଗ କରି ସାତ୍ତ୍ୱିକ ଆହାର ଗ୍ରହଣ କରିବାର ପରମ୍ପରା ରହିଛି । କୁହାଯାଏ ଏହି ପାଞ୍ଚଦିନ ବଗ ମଧ୍ୟ ଆମିଷ ଖାଆନ୍ତିନାହିଁ । ଏହି କାରଣରୁ ଏହାକୁ ବଗ ପଞ୍ଚକ ମଧ୍ୟ କୁହାଯାଏ ।

ପଞ୍ଚୁକ ଅବସରରେ ପୁରୀ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ପାଞ୍ଚଟି ସ୍ୱତନ୍ତ୍ର ବେଶ ଅନୁଷ୍ଠିତ ହୁଏ । ଯଥା- ଲକ୍ଷ୍ମୀନାରାୟଣ ବେଶ, ବାଙ୍କଚୂଡ଼ା ବେଶ, ତ୍ରିବିକ୍ରମ ବେଶ, ଲକ୍ଷ୍ମୀନୃସିଂହ ବେଶ ଏବଂ କାର୍ତ୍ତିକ ପୂର୍ଣ୍ଣିମାରେ ରାଜରାଜେଶ୍ୱର ବା ସୁନାବେଶ । ଏହି ବେଶ ଦର୍ଶନ ପାଇଁ ଶ୍ରୀକ୍ଷେତ୍ରରେ ଭକ୍ତଙ୍କ ସମାଗମ ହୋଇଥାଏ ।

ପଞ୍ଚୁକର ଶେଷ ଦିନ କାର୍ତ୍ତିକ ପୂର୍ଣ୍ଣିମାରେ ଓଡ଼ିଶାର ପ୍ରାଚୀନ ନୌବାଣିଜ୍ୟ ପରମ୍ପରାକୁ ମନେ ପକାଇ ବୋଇତ ବନ୍ଦାଣ ଉତ୍ସବ ପାଳନ କରାଯାଏ । ଲୋକମାନେ ନଦୀ ଓ ପୋଖରୀରେ ଡଙ୍ଗା ଭସାଇ ସାଧବ ପୁଅଙ୍କ ସାମୁଦ୍ରିକ ଯାତ୍ରାର ସ୍ମୃତିକୁ ମନେ ପକାନ୍ତି । ଏହିପରି ଭାବେ ପଞ୍ଚୁକ ଓଡ଼ିଶାର ଧାର୍ମିକ ଆସ୍ଥା, ଆଧ୍ୟାତ୍ମିକ ଚେତନା ଓ ସାଂସ୍କୃତିକ ଐତିହ୍ୟର ଏକ ଗୁରୁତ୍ୱପୂର୍ଣ୍ଣ ପର୍ବ ।

ତୁଳସୀ ପୂଜନର କଥା ଓ ଗାଥା



'କାର୍ତ୍ତିକ ମାହାତ୍ମ୍ୟ'ରେ ଅଛି ଜଳନ୍ଧର ଦୈତ୍ୟର ବୃତ୍ତାନ୍ତ । ପୃଥୁ ରାଜାଙ୍କ ପ୍ରଶ୍ନରେ ଦେବର୍ଷି ନାରଦ ତାଙ୍କୁ ଏହି କାହାଣୀ କହିଛନ୍ତି । ପୃଥୁ ପ୍ରଶ୍ନ କରିଛନ୍ତି, କାହିଁକି ଏହି ମାସରେ ତୁଳସୀ ମୂଳରେ ଦୀପଦାନ ପରମ ପୁଣ୍ୟପ୍ରଦ ? ତୁଳସୀ ସେବନରେ କାହିଁକି ପୁଣ୍ୟ ହୁଏ ? ତୁଳସୀ କିପରି ଏପରି ପବିତ୍ର ବୃକ୍ଷ ହେଲା ? ତାହାର ଉତ୍ତରରେ ନାରଦ ଯେଉଁ କାହାଣୀ କହିଛନ୍ତି, ତାହା ଅତ୍ୟନ୍ତ ରୋଚକ । ସେହି କାହାଣୀ ଅନୁସାରେ, ଦେବଦେବ ମହାଦେବଙ୍କ ଶରୀରର ତାପରୁ ଯେଉଁ ଅଗ୍ନି ଜାତ ହୋଇଥିଲା, ତାହାକୁ ସେ ଗଙ୍ଗା ଓ ସାଗରର ସଂଗମରେ ନିକ୍ଷେପ କରିଥିଲେ । ସେଥିରୁ ଏକ ପୁତ୍ର ଜାତ ହୋଇଥିଲା । ସେ ଜନ୍ମରୁ ରୋଦନ କରୁଥିଲା । ସାଗରରାଜ ବରୁଣ ତାହାକୁ ନିଜର ପୁତ୍ର ରୂପେ ପାଳିଲେ ଏବଂ ତାହାର ରୋଦନ ବନ୍ଦ କରିବା ପାଇଁ ବ୍ରହ୍ମାଙ୍କୁ ପ୍ରାର୍ଥନା କଲେ । ବ୍ରହ୍ମା ତାହାକୁ ଆଶୀର୍ବାଦ କରି କହିଲେ, ରୋଦନ ବନ୍ଦ କର । ତୁମେ ସଂସାରରେ ମହାରାଜା ହେବ । ନିଜ ଇଚ୍ଛାରେ ମହୀ ଭୋଗ କରିବ । ଜଳରୁ ଜାତ ହୋଇଥିବାରୁ ତୁମର ନାଆଁ ହେଲା ଜଳନ୍ଧର । ବଡ଼ ହୋଇ ଜଳନ୍ଧର ମହାପ୍ରତାପୀ ହେଲା । ମହାଦେବଙ୍କ ତେଜରୁ ଜାତ ହୋଇଥିବାରୁ ଏବଂ ବ୍ରହ୍ମାଙ୍କ ବରରୁ ସେ ଅବଧ୍ୟ ହେଲା । ସେ ବିବାହ କରିଥିଲା ବୃନ୍ଦାବତୀଙ୍କୁ । ବୃନ୍ଦାବତୀ ତାଙ୍କର ସତୀବ୍ରତ ଯୋଗୁଁ ବର ପାଇଥିଲେ ଯେ ତାଙ୍କର ସତୀତ୍ୱ ଅକ୍ଷୁଣ୍ଣ ଥିବା ପର୍ଯ୍ୟନ୍ତ ଜଳନ୍ଧରର ବିନାଶ ହେବ ନାହିଁ । ତେଣୁ ଭଗବାନ ବିଷ୍ଣୁ ମାୟାରେ ଜଳନ୍ଧରର ରୂପ ଧରି ଯାଇ ବୃନ୍ଦାବତୀଙ୍କ ସତୀତ୍ୱ ହରଣ କଲେ । ତାହା ଜାଣି ବୃନ୍ଦାବତୀ ବିଷ୍ଣୁଙ୍କୁ ଅଭିଶାପ ଦେଲେ । କହିଲେ- ମୋର ହତ୍ୟାଦୋଷ ତୁମ୍ଭଙ୍କୁ ଲାଗୁ । ଏହା କହି ସେ ଅନଳରେ ଝାସ ଦେଲେ । ବିଷ୍ଣୁଙ୍କର କୌଣସି ବାରଣ ମାନିଲେ ନାହିଁ । ବୃନ୍ଦାବତୀ ଆତ୍ମବିସର୍ଜନ କରିବା ଘଟଣାରେ ବିଷ୍ଣୁ ହତବାକ୍ ହୋଇଗଲେ । ବୃନ୍ଦାବତୀଙ୍କର ଚିତାଭସ୍ମକୁ ଦେହରେ ବୋଳି ଚିନ୍ତିତ ହୋଇ ବସିରହିଲେ । ଅଚଳ ମହାଗିରି ପରି ସେ ସ୍ଥାଣୁ ପାଲଟିଗଲେ । ତେଣେ ଯୁଦ୍ଧରେ ଜଳନ୍ଧର ନିହତ ହେଲା । ତା'ର ଜ୍ୟୋତି ଯାଇ ଶିବଙ୍କ ଜ୍ୟୋତି ସହ ମିଶିଗଲା । କିନ୍ତୁ ଦେବଗଣ ବିଷ୍ଣୁଙ୍କର ସ୍ଥାଣୁ ରୂପ ଯୋଗୁଁ ଚିନ୍ତିତ ହେଲେ । ତାହାର ନିରାକରଣର ଉପାୟ ମହାଦେବଙ୍କୁ ପଚାରିବାରୁ, ସେ କହିଲେ, ଯୋଗମାୟାଙ୍କୁ ସ୍ତୁତି କର । ଦେବତାମାନେ ସ୍ତୁତି କରିବାରୁ ଯୋଗମାୟା ପ୍ରସନ୍ନ ହେଲେ ଏବଂ ତିନି ନାଗାମୂର୍ତ୍ତି ରୂପେ ଉଭା ହେଲେ । ସେହି ତ୍ରିମୂର୍ତ୍ତି ଦେବଗଣଙ୍କୁ ତିନିମୁଠି ବୀଜ ଦେଲେ । ସେହି ତିନିମୁଠି ବୀଜରୁ ତିନି ବୃକ୍ଷ ଜାତ ହେଲେ । ସତ୍ତ୍ୱଗୁଣରେ ଗୋ?ରାଙ୍କ ଅଂଶରେ ତୁଳସୀ, ରଜଗୁଣରେ ସରସ୍ୱତୀଙ୍କ ଅଂଶରେ ଧାତ୍ରୀ (ଅଁଳା) ଓ ତମୋଗୁଣରେ ଲକ୍ଷ୍ମୀଙ୍କ ଅଂଶରେ ମାଳତୀ । ସେହି କାରଣରୁ ତୁଳସୀ, ଅଁଳା ଓ ମାଳତୀ ବିଷ୍ଣୁଙ୍କର ଅତ୍ୟନ୍ତ ପ୍ରିୟ । ଏଥିମଧ୍ୟରୁ ପବିତ୍ର ତୁଳସୀ ବୃକ୍ଷର ପବନ ବାଜିବାରୁ ବିଷ୍ଣୁ ସ୍ଥାଣୁତ୍ୱରୁ ମୁକ୍ତ ହୋଇଥିଲେ । ଏଥିପାଇଁ ମଧ୍ୟ କାର୍ତ୍ତିକ ମାସରେ ତୁଳସୀ ଓ ଅଁଳା ବୃକ୍ଷ ପୂଜନର ବିଧି ଅଛି । ତୁଳସୀ ମୂଳରେ ଦୀପଦାନ ପରମ ପୁଣ୍ୟପ୍ରଦ ରୂପେ ବିବେଚିତ ହେଉଛି ।

ବିନା ଖାଦ୍ୟରେ ବର୍ଷେ ପର୍ଯ୍ୟନ୍ତ ବଞ୍ଚିପାରନ୍ତି ସାପ : ଜିପିଏସ ଭଳି କାମ କରେ ଜିଭ

ସାପ ନାଁ ଶୁଣିଲେ ଅନେକଙ୍କ ମନରେ ଭୟ ସୃଷ୍ଟି ହୁଏ । ବିଷାକ୍ତ ହେଉ କି ଅବିଷାକ୍ତ, ସାପଠାରୁ ଦୂରେଇ ରହିବାକୁ ପ୍ରାୟ ସମସ୍ତେ ପସନ୍ଦ କରନ୍ତି । ତେବେ ଏହି ସରୀସୃପଙ୍କ ଜୀବନଶୈଳୀ ଓ ଶାରୀରିକ ଗଠନରେ ଏଭଳି ଅନେକ ରହସ୍ୟ ଲୁଚି ରହିଛି, ଯାହା ବିଜ୍ଞାନକୁ ମଧ୍ୟ ଆଶ୍ଚର୍ଯ୍ୟ କରେ । ଅନ୍ଧାରରେ ଶିକାର ଖୋଜିବାଠାରୁ ଆରମ୍ଭ କରି ଦୀର୍ଘ ମାସ ଧରି ଖାଦ୍ୟ ବିନା ବଞ୍ଚିବା ପର୍ଯ୍ୟନ୍ତ, ସାପଙ୍କର ରହିଛି ଅନେକ ଅଦ୍ଭୁତ କ୍ଷମତା ।



ସାପଙ୍କର ଏକ ବିଶେଷ କ୍ଷମତା ହେଉଛି ଥର୍ମାଲ୍ ଭିଜନ୍ ବା ତାପମାତ୍ରା ଅନୁଭବ କରିବାର ଶକ୍ତି । ଅଜଗର ଓ ରସେଲ୍ ଭାଇପର ଭଳି କିଛି ସାପଙ୍କ ମୁହଁରେ ବିଶେଷ ଧରଣର ଛିଦ୍ର ଥାଏ, ଯାହାକୁ 'ପିଟ୍ ଅର୍ଗାନ୍' କୁହାଯାଏ । ଏହା ଆଖପାଖର ତାପମାତ୍ରା ଓ ଶରୀରରୁ ନିର୍ଗତ ଉତ୍ତାପକୁ ଅନୁଭବ କରିପାରେ । ଫଳରେ ଘନ ଅନ୍ଧାରରେ ମଧ୍ୟ ଏମାନେ ଶିକାରର ଅବସ୍ଥିତି ଜାଣିପାରନ୍ତି । ସେହିପରି ସାପ ବାରମ୍ବାର ଜିଭ ବାହାର କରିବା ପଛରେ ମଧ୍ୟ ରହିଛି ବିଜ୍ଞାନ । ସେମାନଙ୍କ ଦୁଇଭାଗ ହୋଇଥିବା ଜିଭ ବାୟୁରେ ଥିବା ଗନ୍ଧକୁ ସଂଗ୍ରହ କରି ଦିଗ ନିର୍ଣ୍ଣୟ କରିବାରେ ସାହାଯ୍ୟ କରେ । ଏହା ଏକ ପ୍ରକାର ଜିପିଏସ ଭଳି କାମ କରିଥାଏ ।

ଆଶ୍ଚର୍ଯ୍ୟର କଥା, ଦକ୍ଷିଣ-ପୂର୍ବ ଏସିଆରେ ଏଭଳି କିଛି ସାପ ଦେଖିବାକୁ ମିଳନ୍ତି, ଯେଉଁମାନେ ଉଡ଼ିବା ଭଳି ଆକାଶରେ ଗତି କରିପାରନ୍ତି । ଏମାନଙ୍କର ପକ୍ଷୀଙ୍କ ଭଳି ଡେଣା ନଥାଏ । କିନ୍ତୁ ଗଛର ଡାଳରୁ ଡେଇଁବା ପରେ ଶରୀରକୁ ଚେପଟା କରି ହାୱାରେ ଦୋହଲାଇ ଗୋଟିଏ ଗଛରୁ ଅନ୍ୟ ଗଛକୁ ଯାଇପାରନ୍ତି । ଏହି ପ୍ରକ୍ରିୟାକୁ ଗ୍ଲାଇଡିଂ କୁହାଯାଏ । ଏହା ବ୍ୟତୀତ କିଛି ପ୍ରଜାତିର ମାଈ ସାପ ବିନା ନର ସାପର ସଂସ୍ପର୍ଶରେ ଆସି ସନ୍ତାନ ଜନ୍ମ ଦେଇପାରନ୍ତି । ଏହି ପ୍ରକ୍ରିୟାକୁ ପାର୍ଥେନୋଜେନେସିସ୍ ବା ଅନିଷେକ ଜନନ କୁହାଯାଏ ।


ସାପଙ୍କ ଆଉ ଏକ ଆଶ୍ଚର୍ଯ୍ୟଜନକ ଗୁଣ ହେଉଛି ଦୀର୍ଘ ସମୟ ଧରି ଖାଦ୍ୟ ବିନା ବଞ୍ଚିବାର କ୍ଷମତା । ଅଜଗର ଓ ଆନାକୋଣ୍ଡା ଭଳି ବଡ଼ ସାପଙ୍କ ମେଟାବୋଲିଜିମ୍ ବା ଶରୀରରେ ଖାଦ୍ୟ ହଜମ ଓ ଶକ୍ତି ବ୍ୟବହାର ପ୍ରକ୍ରିୟା ଅତ୍ୟନ୍ତ ଧୀର । ଥରେ ପେଟପୂରା ଖାଦ୍ୟ ଖାଇବା ପରେ ସେମାନେ ଦୀର୍ଘ ମାସ ପର୍ଯ୍ୟନ୍ତ ଖାଦ୍ୟ ନ ଖାଇ ରହିପାରନ୍ତି । କିଛି ପରିସ୍ଥିତିରେ ଏହି ସମୟସୀମା ପ୍ରାୟ ଏକ ବର୍ଷ ପର୍ଯ୍ୟନ୍ତ ହୋଇପାରେ । ସେହିପରି ସାପଙ୍କ ହାଡ଼ ଓ ଜହ୍ନାର ଗଠନ ମଧ୍ୟ ଅତ୍ୟନ୍ତ ନମନୀୟ । ସେମାନଙ୍କ ଜହ୍ନା ଶକ୍ତ ଭାବେ ଯୋଡ଼ି ହୋଇ ନଥିବାରୁ ନିଜ ମୁଣ୍ଡଠାରୁ ବଡ଼ ଆକାରର ଶିକାରକୁ ମଧ୍ୟ ଗିଳିପାରନ୍ତି ।

ସାପଙ୍କ ସହ ଜଡ଼ିତ ଆଉ ଏକ ରୋଚକ ତଥ୍ୟ ହେଉଛି 'ଜମ୍ବି ବାଇଟ୍' । ସାପ ମରିଯିବା ପରେ ମଧ୍ୟ ତା'ର ମୁଣ୍ଡ କିଛି ସମୟ ପର୍ଯ୍ୟନ୍ତ ପ୍ରତିକ୍ରିୟା ଦେଇପାରେ । ଏପରିକି ଶରୀରରୁ ଅଲଗା ହୋଇଥିବା ମୁଣ୍ଡ ମଧ୍ୟ ଉତ୍ତାପ ଅନୁଭବ କରି କାମୁଡ଼ିବାକୁ ଚେଷ୍ଟା କରିପାରେ । ତେଣୁ ମୃତ ସାପକୁ ମଧ୍ୟ କେବେ ହାତରେ ଧରିବା ଉଚିତ୍ ନୁହେଁ । ଏହି ସାତଟି ତଥ୍ୟରୁ ସ୍ପଷ୍ଟ ଯେ, ସାପ କେବଳ ଏକ ଭୟଙ୍କର ସରୀସୃପ ନୁହେଁ, ବରଂ ପ୍ରକୃତିର ଏକ ଅଦ୍ଭୁତ ଜୀବ ।

ଶୀତ ଆସୁ ଆସୁ ବଦଳିଲା ରାମଲଲାଙ୍କ ସେବା ପଦ୍ଧତି

ଗରମ ପାଣିରେ ସ୍ନାନ ସହ ଭୋଗରେ କାଢ଼ା ଓ କେଶର କ୍ଷୀର

ପାଗରେ ପରିବର୍ତ୍ତନ ସହ ଶୀତର ଆଗମନକୁ ଦୃଷ୍ଟିରେ ରଖି ଅଯୋଧ୍ୟାସ୍ଥିତ ରାମମନ୍ଦିରରେ ପାଞ୍ଚ ବର୍ଷୀୟ ବାଳକ ସ୍ୱରୂପରେ ବିରାଜମାନ ରାମଲଲାଙ୍କ ସେବା ପଦ୍ଧତି ଓ ଦୈନନ୍ଦିନ ଦିନଚର୍ଯ୍ୟାରେ ପରିବର୍ତ୍ତନ କରାଯାଇଛି । ଏବେ ପ୍ରଭୁଙ୍କୁ ଗରମ ପାଣିରେ ସ୍ନାନ କରାଯିବା ସହ ଶୀତ ଋତୁ ଅନୁକୂଳ ଗରମ ପୋଷାକରେ ସଜ୍ଜିତ କରାଯାଉଛି । ସକାଳର ବାଳଭୋଗରେ କାଢ଼ା ଓ କେଶର ମିଶା କ୍ଷୀର ଅର୍ପଣ କରାଯାଉଥିବା ବେଳେ ରାତିରେ ଶୟନ ପୂର୍ବରୁ ଗରମ କ୍ଷୀର ଭୋଗ ଲଗାଯାଉଛି । ଏଥିସହ କାର୍ତ୍ତିକ ପୂର୍ଣ୍ଣିମାଠାରୁ ପ୍ରଭୁଙ୍କୁ ରେଜେଇ ମଧ୍ୟ ଘୋଡ଼ାଯିବ । ରାମଲଲାଙ୍କ ଜାଗରଣଠାରୁ ଆରମ୍ଭ କରି ଶୟନ ପର୍ଯ୍ୟନ୍ତ ସମସ୍ତ ସେବାରେ ଋତୁ ଅନୁଯାୟୀ ବିଶେଷ ଧ୍ୟାନ ଦିଆଯାଉଛି । ଶୀତରୁ ସୁରକ୍ଷା ପାଇଁ



ଗରମ ପାଣିରେ ସ୍ନାନ, ଗରମ ପୋଷାକରେ ଶୃଙ୍ଗାର ଏବଂ ଖାଦ୍ୟରେ ଶରୀରକୁ ଉଷ୍ମତା ପ୍ରଦାନ କରୁଥିବା ଖାଦ୍ୟ ସାମଗ୍ରୀ ସାମିଲ କରାଯାଇଛି । ବାଳକ ସ୍ୱରୂପରେ ପ୍ରଭୁ ବିରାଜମାନ କରିଥିବା ବିଶ୍ୱାସ ଅନୁଯାୟୀ, ତାଙ୍କ ଦୈନନ୍ଦିନ ଦିନଚର୍ଯ୍ୟା ମଧ୍ୟ ଜଣେ ଶିଶୁର ଦୈନିକ କାର୍ଯ୍ୟକଳାପ ଭଳି ନିର୍ଦ୍ଧାରଣ କରାଯାଇଛି । ଗ୍ରୀଷ୍ମ ଋତୁରେ ଶୀତଳତା ପ୍ରଦାନ କରୁଥିବା ସାମଗ୍ରୀକୁ ପ୍ରାଥମିକତା ଦିଆଯାଉଥିବା ବେଳେ ଶୀତ ଋତୁରେ ଗରମ ପୋଷାକ ଓ ଉଷ୍ମ ଖାଦ୍ୟର ବ୍ୟବସ୍ଥା କରାଯାଉଛି । ମନ୍ଦିରରେ ପ୍ରତିଦିନ ସକାଳ ପ୍ରାୟ ୪ଟା ୩୦ ମିନିଟ୍‌ରେ ଶଙ୍ଖନାଦ ସହ ରାମଲଲାଙ୍କ ଜାଗରଣ ହୋଇଥାଏ । ଏହାପରେ ତାଙ୍କୁ ଗରମ ପାଣିରେ ସ୍ନାନ ଓ ଅଭିଷେକ କରାଯାଏ । ଋତୁ ଅନୁକୂଳ ପୋଷାକ ପିନ୍ଧାଇ ଶୃଙ୍ଗାର କରାଯାଏ । ସକାଳ ୬ଟା ୩୦ ମିନିଟ୍‌ରେ ଶୃଙ୍ଗାର ଆଳତି ହୋଇଥାଏ ଏବଂ ୭ଟାରୁ ଶ୍ରଦ୍ଧାଳୁଙ୍କ ପାଇଁ ଦର୍ଶନ ଆରମ୍ଭ ହୁଏ ।

ପ୍ରାୟ ୯ଟା ସମୟରେ ବାଳଭୋଗରେ ରାବିଡ଼ି, କେଶର ମିଶା କ୍ଷୀର ଓ କାଢ଼ା ଅର୍ପଣ କରାଯାଏ । ମଧ୍ୟାହ୍ନରେ ଖିରି, ପୁରି ଓ ତରକାରି ଭୋଗ ଲାଗି ହୋଇଥାଏ । ସେହିପରି ରାତିରେ ଶୟନ ପୂର୍ବରୁ ଗରମ କ୍ଷୀର ଅର୍ପଣ କରି ପ୍ରଭୁଙ୍କୁ ବିଶ୍ରାମ ପାଇଁ ଶୟନ କରାଯାଏ । ଶ୍ରୀରାମ ମନ୍ଦିରର ବ୍ୟବସ୍ଥା ପ୍ରମୁଖ ଇନ୍ଦ୍ରଦେବ ମିଶ୍ରଙ୍କ କହିବା ଅନୁଯାୟୀ, ରାମଲଲାଙ୍କ ଦୈନନ୍ଦିନ ସେବାରେ ପୂଜା ଓ ଆଳତି ସହ ଋତୁ ଅନୁକୂଳ ସମସ୍ତ ବ୍ୟବସ୍ଥା ଉପରେ ଧ୍ୟାନ ଦିଆଯାଏ । ପୋଷାକ ଚୟନଠାରୁ ଆରମ୍ଭ କରି ଭୋଗ ସାମଗ୍ରୀ ପର୍ଯ୍ୟନ୍ତ ସବୁଥିରେ ଋତୁର ପ୍ରଭାବ ଦେଖିବାକୁ ମିଳେ । ବାଳ ସ୍ୱରୂପ ପ୍ରଭୁଙ୍କ ପ୍ରତି ମାତୃତ୍ୱ ଓ ସ୍ନେହଭାବ ଏବଂ ମନ୍ଦିରର ପାରମ୍ପରିକ ସେବା ପଦ୍ଧତିର ଏହା ଏକ ଅଂଶ । ଗ୍ରୀଷ୍ମ, ଶୀତ ଓ ବର୍ଷା ଋତୁରେ ପ୍ରଭୁଙ୍କ ସେବା ପାଇଁ ଭିନ୍ନ ଭିନ୍ନ ବ୍ୟବସ୍ଥା କରାଯାଇଥାଏ ।

ହାପି ଏଲିଅନ୍

ପ୍ରକୃତି ସବୁବେଳେ ନିଜର ଅପୂର୍ବ ସୃଷ୍ଟି ଦ୍ୱାରା ମଣିଷକୁ ଆଶ୍ଚର୍ଯ୍ୟଚକିତ କରିଆସିଛି । ଆମ ପୃଥିବୀରେ ଏଭଳି ଅନେକ ଗଛଲତା ଓ ଫୁଲ ଅଛି, ଯାହାକୁ ଦେଖିଲେ ଆଖି ଆଦୌ ବିଶ୍ୱାସ କରେନାହିଁ । ସେଭଳି ଏକ ବିଚିତ୍ର, କୌତୁକିଆ ଏବଂ ପୃଥିବୀ ବାହାରର ଜୀବ ଭଳି ମନେହେଉଥିବା ଫୁଲ ହେଉଛି ଡାର୍ଟ ଲିଟିଲ୍ ମ୍ୟାନ୍ । ଅଦ୍ଭୁତ ଚେହେରା ପାଇଁ ଏହା 'ହାପି ଏଲିଅନ୍' ନାମରେ ମଧ୍ୟ ଜଣାଶୁଣା । ଏହି ଫୁଲର ବୈଜ୍ଞାନିକ ନାମ ହେଉଛି କାଲ୍‌ସିଓଲାରିଆ ୟୁନିଫ୍ଲୋରା । ଏହାକୁ ପ୍ରଥମେ ପ୍ରଖ୍ୟାତ ବୈଜ୍ଞାନିକ ଚାର୍ଲସ୍ ଡାରୱିନ୍ ନିଜର ଦକ୍ଷିଣ ଆମେରିକା ଯାତ୍ରା ସମୟରେ ଆବିଷ୍କାର କରିଥିଲେ, ତେଣୁ ଏହାକୁ ଡାରୱିନଙ୍କ ସ୍ଲିପର୍ ଫ୍ଲାୱାର ମଧ୍ୟ କୁହାଯାଏ । ଏହି ଉଦ୍ଭିଦଟି ମୁଖ୍ୟତଃ ଦକ୍ଷିଣ ଆମେରିକାର ଚିଲି ଓ ଆର୍ଜେଣ୍ଟିନାର ଥଣ୍ଡା ପାର୍ବତ୍ୟ ଅଞ୍ଚଳ ପାଟାଗୋନିଆରେ ଦେଖିବାକୁ ମିଳେ । ଏହି ଫୁଲଟିକୁ ଆପଣ ସାମ୍ନାରୁ ଦେଖିଲେ ଲାଗିବ ସତେଯେମିତି କୌଣସି କାଳ୍ପନିକ ମହାକାଶ ଜୀବ ବା ଏଲିଅନ୍ ତା'ର ଦୁଇଟି କୁନି ଆଖି ମେଲାଇ ଚାହିଁଛି । ଫୁଲଟିର ଉପର ଭାଗ ହଳଦିଆ ଓ ନାଲି ରଙ୍ଗର ମିଶ୍ରଣରେ ତିଆରି ହୋଇଥିବାବେଳେ ଏହା ଏକ ପୋଷାକ ଭଳି ମନେ ହୁଏ । ଫୁଲର ତଳ ଭାଗରେ ଏକ ଚଉଡ଼ା ଧଳା ରଙ୍ଗର ପଟି ଥାଏ । ଦୂରରୁ ଦେଖିଲେ ଲାଗେ, ସେହି କୁନି ଏଲିଅନ୍‌ଟି ହାତରେ ଏକ ଧଳା ରଙ୍ଗର ଥାଳି ଧରି ଠିଆ ହୋଇଛି ।

ପକ୍ଷୀମାନେ ଏହି ଫୁଲର ଧଳା ଅଂଶକୁ ଖାଇବାକୁ ଭାରି ଭଲପାଆନ୍ତି । ଯେତେବେଳେ ପକ୍ଷୀମାନେ ଏହି ମିଠା ଅଂଶକୁ ଖାଇବା ପାଇଁ ଫୁଲ ଉପରେ ବସନ୍ତି, ସେତେବେଳେ ଫୁଲର ଉପର ଭାଗରେ ଥିବା ପରାଗ ରେଣୁ ସେହି ପକ୍ଷୀଙ୍କ ମୁଣ୍ଡ କିମ୍ବା ପିଠିରେ ଲାଗିଯାଏ । ଏହାପରେ ପକ୍ଷୀଟି ଯେତେବେଳେ ଅନ୍ୟ ଏକ ଫୁଲକୁ ଖାଇବାକୁ ଯାଏ, ସେଠାରେ ପରାଗ ସଙ୍ଗମ ପ୍ରକ୍ରିୟା ସମ୍ପନ୍ନ ହୁଏ । ଏହା ଗଛର ବଂଶବୃଦ୍ଧିରେ ସାହାଯ୍ୟ କରେ । 'ଡାର୍ଟ ଲିଟିଲ୍ ମ୍ୟାନ୍' ବା 'ହାପି ଏଲିଅନ୍' ଫୁଲ ଏକ ଜ୍ୱଳନ୍ତ ଉଦାହରଣ ଯେ ପ୍ରକୃତି କେତେ ସୃଜନଶୀଳ ହୋଇପାରେ । ପାଟାଗୋନିଆର ପ୍ରତିକୂଳ ଓ ପାର୍ବତ୍ୟ ପାଣିପାଗରେ ନିଜକୁ ବଞ୍ଚାଇ ରଖିବା ପାଇଁ ଏହି ଫୁଲଟି ଯେଉଁ ରୂପ ଧାରଣ କରିଛି, ତାହା ବିଜ୍ଞାନୀମାନଙ୍କୁ ଆଶ୍ଚର୍ଯ୍ୟ କରିବା ସହ ପ୍ରକୃତିପ୍ରେମୀଙ୍କ ମନକୁ ଆନନ୍ଦରେ ଭରିଦିଏ । ସତରେ ପ୍ରକୃତିର ଏହା ଏକ ଅନନ୍ୟ ଉପହାର ।



ମାଟି ତଳେ ରହିଛି ପ୍ରକୃତିର ଅଦ୍ଭୁତ ନେଟୱାର୍କ: ବିପଦ ସମୟରେ ଗଛଗୁଡ଼ିକ ପରସ୍ପରକୁ ଦେଇଥାଆନ୍ତି ସତର୍କ ସଙ୍କେତ



ଜଙ୍ଗଲରେ ଗଛଗୁଡ଼ିକ ନୀରବ ଭାବେ ଠିଆ ହୋଇ ରହିଥିବା ଦେଖିବାକୁ ମିଳେ । କିନ୍ତୁ ଏହି ନୀରବତା ପଛରେ ଲୁଚି ରହିଛି ପ୍ରକୃତିର ଏକ ଆଶ୍ଚର୍ଯ୍ୟଜନକ ରହସ୍ୟ । ଗଛଗୁଡ଼ିକ କେବଳ ନିଜ ପାଇଁ ବଞ୍ଚନ୍ତି ନାହିଁ, ବରଂ ଆଖପାଖର ଅନ୍ୟ ଗଛ ସହ ମଧ୍ୟ ବିଭିନ୍ନ ଉପାୟରେ ସମ୍ପର୍କ ସ୍ଥାପନ କରିପାରନ୍ତି । ବୈଜ୍ଞାନିକ ଗବେଷଣାରୁ ଜଣାପଡ଼ିଛି ଯେ, ଗଛଗୁଡ଼ିକ ବାୟୁରେ ରାସାୟନିକ ସଙ୍କେତ ଛାଡ଼ିବା ସହ ମାଟି ତଳେ ଥିବା ଫଙ୍ଗସ୍‌ର ଜାଲ ମାଧ୍ୟମରେ ପରସ୍ପର ସହ ଯୋଡ଼ି ହୋଇପାରନ୍ତି । ଯେତେବେଳେ କୌଣସି ଗଛର ପତ୍ର ଉପରେ କୀଟପତଙ୍ଗ ଆକ୍ରମଣ କରନ୍ତି କିମ୍ବା ଏହାର କ୍ଷତି ଘଟାନ୍ତି, ସେତେବେଳେ ଗଛ ଭିତରେ ବିଭିନ୍ନ ଜୈବିକ ପ୍ରକ୍ରିୟା ଆରମ୍ଭ ହୁଏ । ଏହି ସମୟରେ

32 YEARS
ଧ୍ରୁବ କଳିଙ୍ଗ
ଭୁବନେଶ୍ୱର, ୧୮ ନଭେମ୍ବର, ବୁଧବାର, ୨୦୨୬
ପୃଷ୍ଠା – ୬

ଆଇପିଏଲରୁ ଅବସର ନେଲେ ମହେନ୍ଦ୍ର ସିଂହ ଧୋନୀ, ଏବେ ମେଣ୍ଟର ଭୂମିକାରେ ନଜର ଆସିବେ

ଚେନ୍ନାଇ

ଆଇପିଏଲ୍ ୨୦୨୭ ପୂର୍ବରୁ ଚେନ୍ନାଇ ସୁପର କିଙ୍ଗ୍ସର ଦିଗ୍ଗଜ ଖେଳାଳି ମହେନ୍ଦ୍ର ସିଂହ ଧୋନୀଙ୍କୁ ନେଇ ବଡ଼ ଖବର ସାମ୍ନାକୁ ଆସିଛି। ଏମଏସ ଧୋନି ଇଣ୍ଡିଆନ୍ ପ୍ରିମିୟର ଲିଗ୍‌ରୁ ଅବସର ନେଇଛନ୍ତି ଏବଂ ବର୍ତ୍ତମାନ ସେ ପଡ଼ିଆରେ ଖେଳାଳି ବଦଳରେ ଏକ ନୂଆ ଭୂମିକାରେ ନଜର ଆସିବେ। ପାଞ୍ଚ ଥରର ଚାମ୍ପିଅନ୍ ଚେନ୍ନାଇ ସୁପର କିଙ୍ଗ୍ସ ତାଙ୍କୁ ଆଇପିଏଲ୍ ୨୦୨୭ରୁ ଦଳର ମେଣ୍ଟର କରିବାକୁ ନିଷ୍ପତ୍ତି ନେଇଛି। ତେବେ ଫ୍ରାଞ୍ଚାଇଜି ସହିତ ତାଙ୍କର ସମ୍ପର୍କ ପୂର୍ବ ପରି ଅତୁଟ ରହିବ।

ଧୋନୀ ଆଇପିଏଲ୍‌ରେ ଚେନ୍ନାଇ ସୁପର କିଙ୍ଗ୍ସକୁ ପାଞ୍ଚ ଥର ଚାମ୍ପିଅନ୍ କରାଇଛନ୍ତି। ତାଙ୍କ ଅଧିନାୟକତ୍ୱରେ ଦଳ ଅନେକ ସ୍ମରଣୀୟ ସଫଳତା ହାସଲ କରିଛି। ବର୍ତ୍ତମାନ ଆଇପିଏଲ୍‌ରେ ଖେଳାଳି ଭାବେ ତାଙ୍କର ଯାତ୍ରା ଶେଷ ହୋଇଯାଇଛି। ସେ ଦଳର ଡଗ୍‌ଆଉଟ୍‌ରେ ମେଣ୍ଟରଙ୍କ ଭୂମିକା ନିଭାଇବେ ଏବଂ ନିଜର ଅଭିଜ୍ଞତା ଦ୍ୱାରା ଖେଳାଳିମାନଙ୍କୁ ମାର୍ଗଦର୍ଶନ କରିବେ। ଚେନ୍ନାଇ ସହିତ ଧୋନୀଙ୍କର ସମ୍ପର୍କ ଅତ୍ୟନ୍ତ ଖାସ୍ ରହିଆସିଛି। ସେ ଫ୍ରାଞ୍ଚାଇଜିର ପରିଚୟ ପାଲଟି ଯାଇଛନ୍ତି ଏବଂ ତାଙ୍କର ନିଷ୍ପତ୍ତି ତଥା ନେତୃତ୍ୱ କ୍ଷମତା ଦଳକୁ ଏକ ନୂଆ ଶିଖରରେ ପହଞ୍ଚାଇଛି। ଯଦିଓ ମେଣ୍ଟର ଭାବେ ସେ ଗୌତମ ଗମ୍ଭୀରଙ୍କ ରାସ୍ତାରେ ଆଗକୁ ବଢ଼ିଛନ୍ତି। ଗମ୍ଭୀର ମଧ୍ୟ ଆଇପିଏଲ୍‌ରୁ ଅବସର ନେବା ପରେ କୋଲକାତା ନାଇଟ୍ ରାଇଡର୍ସର ମେଣ୍ଟର ଭୂମିକା ନିଭାଇଥିଲେ। ତାଙ୍କ ତତ୍ତ୍ୱାବଧାନରେ କେକେଆର୍ ନିଜର ପ୍ରଥମ ସିଜିନରେ ହିଁ ଚାମ୍ପିଅନ୍ ହୋଇଥିଲା। ବର୍ତ୍ତମାନ ଧୋନୀ ମଧ୍ୟ ସିଏସକେର ହଜିଯାଇଥିବା ଗୌରବକୁ ଫେରାଇ ଆଣିବାକୁ ଚେଷ୍ଟା କରିବେ।



ଏମଏସ ଧୋନୀ ଆଇପିଏଲ୍‌ରେ ୨୭୮ଟି ମ୍ୟାଚ୍ ଖେଳି ୩୮.୩୦ ହାରାହାରି ଏବଂ ୧୩୭.୪୫ ଷ୍ଟ୍ରାଇକ୍ ରେଟ୍‌ରେ ୫୪୩୯ ରନ୍ କରିଛନ୍ତି। ତାଙ୍କର ଏହି ମ୍ୟାଚ୍‌ଗୁଡ଼ିକରେ ୨୪ଟି ଅର୍ଦ୍ଧଶତକ ସାମିଲ ଅଛି। ଯେଉଁଥିରେ ତାଙ୍କର ସର୍ବାଧିକ ସ୍କୋର ଅପରାଜିତ ୮୪ ରନ୍ ରହିଛି। ସେ ଏହି ଟୁର୍ଣ୍ଣାମେଣ୍ଟରେ ୨୬୪ଟି ଛକା ମଧ୍ୟ ମାରିଛନ୍ତି। ତେବେ ସେ କୌଣସି ଶତକ ହାସଲ କରିପାରି ନାହାନ୍ତି।

ଚେନ୍ନାଇ ସୁପର କିଙ୍ଗ୍ସର ମାଲିକ ଏନ୍ ଶ୍ରୀନିବାସନ ମଧ୍ୟ ଧୋନୀଙ୍କ ଗୁରୁତ୍ୱକୁ ନେଇ ବଡ଼ ବୟାନ ଦେଇଛନ୍ତି। ସେ ସ୍ପଷ୍ଟ କରିଛନ୍ତି ଯେ ପୂର୍ବତନ ଭାରତୀୟ ଅଧିନାୟକ ସର୍ବଦା ଫ୍ରାଞ୍ଚାଇଜିର ପରିଚୟର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ହୋଇ ରହିବେ। ଖେଳାଳି ଭାବେ ତାଙ୍କର ଭୂମିକା ଯଦିଓ ବଦଳୁଛି, କିନ୍ତୁ ଚେନ୍ନାଇ ସୁପରକିଙ୍ଗ୍ସ ସହିତ ତାଙ୍କର ସମ୍ପର୍କ ପୂର୍ବ ପରି ମଜଭୁତ ହୋଇ ରହିବ। ଧୋନୀ ମେଣ୍ଟର ହେବା ଦ୍ୱାରା ଦଳକୁ ତାଙ୍କର ଦୀର୍ଘ ଅଭିଜ୍ଞତାର ଲାଭ ମିଳିବ। ବିଶେଷକରି ଯୁବ ଖେଳାଳିମାନଙ୍କୁ ତାଙ୍କ ମାର୍ଗଦର୍ଶନରେ ଖେଳିବା ଏବଂ ଶିଖିବାର ସୁଯୋଗ ମିଳିବ।

ଚେନ୍ନାଇ ସୁପର କିଙ୍ଗ୍ସର ମାଲିକ ଏନ୍ ଶ୍ରୀନିବାସନ ଧୋନୀଙ୍କ ସହିତ ତାଙ୍କର ପ୍ରାୟ ଦୁଇ ଦଶନ୍ଧିର ପୁରୁଣା ସମ୍ପର୍କକୁ ମଧ୍ୟ ମନେ ପକାଇଛନ୍ତି। ସେ ସ୍ପଷ୍ଟ ଭାବେ କହିଛନ୍ତି ଯେ ଧୋନୀଙ୍କ ବିନା ଚେନ୍ନାଇ ସୁପର କିଙ୍ଗ୍ସର କଳ୍ପନା କରାଯାଇପାରିବ ନାହିଁ। ଶ୍ରୀନିବାସନ କହିଛନ୍ତି, 'ଏମ୍.ଏସ୍ ଧୋନୀଙ୍କ ବିନା ସିଏସକେ ନାହିଁ। ପ୍ରାୟ ଦୁଇ ଦଶନ୍ଧି ଧରି ଆମେ ପରସ୍ପର ସହିତ ଆଗକୁ ବଢ଼ିଛୁ। ଏହି ସମୟ ମଧ୍ୟରେ ଆମେ ସଫଳତା, ଅସୁବିଧା ଏବଂ ସବୁ ପ୍ରକାରର ଉତ୍ଥାନ-ପତନ ଏକାଠି ଦେଖିଛୁ।'

ସେ ଧୋନୀଙ୍କ ସହିତ ନିଜର ସମ୍ପର୍କର ମଜଭୁତିର ରହସ୍ୟ ମଧ୍ୟ କହିଛନ୍ତି। ଶ୍ରୀନିବାସନଙ୍କ ଅନୁଯାୟୀ, ଉଭୟଙ୍କ ମଧ୍ୟରେ ଭରସା ସର୍ବଦା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ରହିଆସିଛି। ସେ କହିଛନ୍ତି, 'ଆମର ସମ୍ପର୍କ ଏତେ ମଜଭୁତ ହେବାର ଗୋଟିଏ ହିଁ କାରଣ ଅଛି- ଆମେ ପରସ୍ପରର ଉଦ୍ଦେଶ୍ୟ ଉପରେ କେବେ ପ୍ରଶ୍ନ ଉଠାଉ ନାହୁଁ। ଏହି ଭରସା ହିଁ ଏହି ଯାତ୍ରାକୁ ସମ୍ଭବ କରିପାରିଛି।'

ଶ୍ରୀନିବାସନ ୨୦୦୮ ମସିହାରେ ହୋଇଥିବା ପ୍ରଥମ ଆଇପିଏଲ୍ ଅକ୍ସନ ବିଷୟରେ ମଧ୍ୟ ଉଲ୍ଲେଖ କରିଛନ୍ତି। ସେ କହିଛନ୍ତି ଯେ ସେହି ସମୟରେ ସେ ଧୋନୀଙ୍କୁ ଚେନ୍ନାଇ ଦଳରେ ସାମିଲ କରିବା ଉପରେ ଜୋର ଦେଇଥିଲେ। ସେ କହିଛନ୍ତି, '୨୦୦୮ରେ ମୁଁ ଜୋର ଦେଇଥିଲି ଯେ ଧୋନୀ ସିଏସକେର ଅଂଶ ହେବା ଉଚିତ। ଏହା ମୋ ଦ୍ୱାରା ନିଆଯାଇଥିବା ସବୁଠାରୁ ଭଲ ନିଷ୍ପତ୍ତି ବୋଲି ପ୍ରମାଣିତ ହେଲା। କେବଳ ଫ୍ରାଞ୍ଚାଇଜି ପାଇଁ ତାଙ୍କର ସଫଳତା କାରଣରୁ ନୁହେଁ, ବରଂ ଏଥିପାଇଁ ମଧ୍ୟ ଯେ ସେ ଜଣେ ଅତ୍ୟନ୍ତ ଭଲ ମଣିଷ ଅଟନ୍ତି।'

ଜାତୀୟ ତାଇକୋଣ୍ଡୋ ପ୍ରତିଯୋଗିତାରେ ସିଦ୍ଧିକ୍ଷାଙ୍କ କମାଲ : ଦୁଇ ସ୍ୱର୍ଣ୍ଣ ସହ ହାସଲ କଲେ ତିନି ପଦକ

ଛତ୍ରପୁର



ଜାତୀୟ ସ୍ତରର ତାଇକୋଣ୍ଡୋ ପ୍ରତିଯୋଗିତାରେ ନିଜର ଅସାଧାରଣ କ୍ରୀଡ଼ା ପ୍ରତିଭା ପ୍ରଦର୍ଶନ କରି ବ୍ରହ୍ମପୁର ତଥା ଗଞ୍ଜାମଜିଲ୍ଲା ପାଇଁ ଗୌରବ ଆଣିଛନ୍ତି ସିଦ୍ଧିକ୍ଷା ମଲ୍ଲ୍ଲ। ବ୍ରହ୍ମପୁରସ୍ଥିତ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟର ଇନ୍‌ଡୋର ଷ୍ଟାଡିୟମ୍‌ରେ ଆୟୋଜିତ ଏହି ଜାତୀୟ ସ୍ତରୀୟ ପ୍ରତିଯୋଗିତାରେ ବିଭିନ୍ନ ଅଞ୍ଚଳରୁ ବହୁ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାରେ ସିଦ୍ଧିକ୍ଷା ଚମତ୍କାର ପ୍ରଦର୍ଶନ କରି ମୋଟ ତିନୋଟି ପଦକ ହାସଲ କରିଛନ୍ତି। ସେ ଇଣ୍ଡିଭିଜୁଆଲ୍ ତାଇକୋଣ୍ଡୋ ପୁମ୍‌ସେ ଓ ସ୍ପିଡ୍ କିକିଂ ବିଭାଗରେ ଦୁଇଟି ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ କ୍ୟୁରୋଗା ବିଭାଗରେ ରୌପ୍ୟ ପଦକ ହାସଲ କରି ନିଜର କ୍ରୀଡ଼ା ଦକ୍ଷତାର ପରିଚୟ ଦେଇଛନ୍ତି।

ସିଦ୍ଧିକ୍ଷା ଛତ୍ରପୁର ଥାନା ଅଧିକାରୀ ସବ୍ୟସାଚୀ ମଲ୍ଲ୍ଲଙ୍କ କନ୍ୟା। ତାଙ୍କର ଏହି ଉଲ୍ଲେଖନୀୟ ସଫଳତା ପରେ ବିଭିନ୍ନ ମହଲରୁ ଶୁଭେଚ୍ଛା ଓ ଅଭିନନ୍ଦନର ସୁଅ ଛୁଟିଛି। ଏହି ସଫଳତାର ଶ୍ରେୟ ସେ ନିଜ ପରିବାରବର୍ଗ ଏବଂ ପ୍ରଶିକ୍ଷକ ରୋହନ ସାର୍‌ଙ୍କୁ ଦେଇଛନ୍ତି। ସିଦ୍ଧିକ୍ଷାଙ୍କ ଏହି ସଫଳତା ଗଞ୍ଜାମ ଜିଲ୍ଲାର ଯୁବ କ୍ରୀଡ଼ାବିତ୍‌ମାନଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇଥିବା ବେଳେ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରି ବହୁ ଶୁଭେଚ୍ଛା ଜଣାଯାଇଛି।

ମୁମ୍ବାଇକୁ ୪ ୱିକେଟ୍‌ରେ ହରାଇଲା ଓଡ଼ିଶା ମହିଳା ଦଳ

କଟକ, ନ୍ୟୁଜ୍‌ବ୍ୟୁରୋ

ବିସିସିଆଇ ଘରୋଇ କ୍ରିକେଟ୍ ସିଜିନ୍ ୨୦୨୬-୨୭ ଅନ୍ତର୍ଗତ ମହିଳା ଅଣ୍ଡର-୨୩ ଟି-୨୦ ଟ୍ରଫି ଏଲିଟ୍-ସି ମୁକାବିଲାରେ ଚମତ୍କାର ପ୍ରଦର୍ଶନ କରି ମୁମ୍ବାଇକୁ ୪ ୱିକେଟ୍‌ରେ ପରାସ୍ତ କରିଛି ଓଡ଼ିଶା ମହିଳା ଦଳ। ରାଜକୋଟସ୍ଥିତ ସାନୋସରା କ୍ରିକେଟ୍ ଗ୍ରାଉଣ୍ଡ-ଏ'ରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ମୁମ୍ବାଇ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୮ ୱିକେଟ୍ ହରାଇ ୧୨୧ ରନ୍ ସଂଗ୍ରହ କରିଥିଲା। ମୁମ୍ବାଇ ପକ୍ଷରୁ ଶର୍ଭି ସାଭେ ୩୪ଟି ବଲ୍‌ରୁ ୫ଟି ଚୌକା ସହ ୩୯ ରନ୍ କରିଥିବା ବେଳେ ହର୍ଲି ଗାଲା ୧୯ଟି ବଲ୍‌ରୁ ୨୨ ରନ୍ କରିଥିଲେ। ଓଡ଼ିଶା ପକ୍ଷରୁ ଏସ୍.ବି. ଲରେନ୍ସ ୪ ଓଭରରେ ୧୭ ରନ୍ ଦେଇ ୨ଟି ୱିକେଟ୍ ଏବଂ ଜ୍ୟୋତି ପ୍ରସାଦ ୪ ଓଭରରେ ୧୬ ରନ୍ ଦେଇ ଗୋଟିଏ ୱିକେଟ୍ ଅକ୍ତିଆର କରିଥିଲେ। ୧୨୨ ରନ୍‌ର ବିଜୟଲକ୍ଷ୍ୟକୁ ପିଛା କରି ଓଡ଼ିଶା ଦଳ ୧୯.୨ ଓଭରରେ ୬ଟି ୱିକେଟ୍ ହରାଇ ୧୨୩ ରନ୍ ସଂଗ୍ରହ କରି ବିଜୟ ହାସଲ କରିଥିଲା। ଓଡ଼ିଶା ପକ୍ଷରୁ ଶ୍ରେୟା ପ୍ରିୟଦର୍ଶିନୀ ୨୩ଟି ବଲ୍‌ରୁ ୪ଟି ଚୌକା ସହ ୨୮ ରନ୍ କରିଥିବା ବେଳେ ଅନନ୍ୟା ଆର. ମିଶ୍ର ୨୧ଟି ବଲ୍‌ରୁ ୨ଟି ଚୌକା ସହ ଅପରାଜିତ ୨୬ ରନ୍ କରିଥିଲେ। ମୁମ୍ବାଇ ପକ୍ଷରୁ ନିୟତି ଜଗତାପ ୧୬ ରନ୍ ଦେଇ ୨ଟି ୱିକେଟ୍ ଏବଂ ନିର୍ମିତି ରାଣେ ୧୪ ରନ୍ ଦେଇ ଗୋଟିଏ ୱିକେଟ୍ ନେଇଥିଲେ। ଶେଷରେ ଓଡ଼ିଶା ମହିଳା ଦଳ ୪ ୱିକେଟ୍‌ରେ ବିଜୟୀ ହୋଇ ଟୁର୍ଣ୍ଣାମେଣ୍ଟରେ ନିଜର ଦକ୍ଷତା ପ୍ରଦର୍ଶନ କରିଛି।

ସୋନପୁର ଜିଲ୍ଲା କ୍ରିକେଟ ସଂଘ ପକ୍ଷରୁ ୩ୀଟମ ସର୍ବ ଭାରତୀୟ ଲାଲମନୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ପ୍ରସ୍ତୁତି ବୈଠକ

ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ

ସୋନପୁର ଜିଲ୍ଲା କ୍ରିକେଟ ସଂଘ, ସୁବର୍ଣ୍ଣପୁର କାର୍ଯ୍ୟାଳୟ ଠାରେ ସଂଘର ସଭାପତି ରାମ ଶଙ୍କର ସାହୁଙ୍କ ସଭାପତିତ୍ୱରେ ୩ୀଟମ ସର୍ବ ଭାରତୀୟ ଲାଲମନୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସୋନପୁର ଜିଲ୍ଲା କ୍ରିକେଟ ସଂଘର ସମ୍ପାଦକ ପ୍ରଦୀପ କୁମାର ସେଠୀ ଓ ଉପ ସଭାପତି ସତ୍ୟ ନାରାୟଣ ରାଓ ସମେତ ସମସ୍ତ ସଭ୍ୟ ଓ କର୍ମକର୍ତ୍ତାମାନଙ୍କ ଉପସ୍ଥିତିରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ସଭାପତି ରାମ ଶଙ୍କର ସାହୁ ସମସ୍ତଙ୍କୁ ସ୍ୱାଗତ ଜଣାଇ ପ୍ରାରମ୍ଭିକ ଅଭିଭାଷଣ ରଖିଥିଲେ। ୩ୀଟମ ସର୍ବ ଭାରତୀୟ ଲାଲମନୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ କିପରି ସଫଳତାର ସହ ହେବ ସେ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ସମ୍ପାଦକ ପ୍ରଦୀପ କୁମାର ସେଠୀ ମଧ୍ୟ ଟୁର୍ଣ୍ଣାମେଣ୍ଟର ସଫଳ ଆୟୋଜନର କାମନା କରିଥିଲେ। ଉପ ସଭାପତି ସତ୍ୟ ନାରାୟଣ ରାଓ ଟୁର୍ଣ୍ଣାମେଣ୍ଟରେ ସମସ୍ତଙ୍କ ସହଯୋଗର ଆବଶ୍ୟକତା ରହିଛି ବୋଲି କହିଥିଲେ। ଏହି ଟୁର୍ଣ୍ଣାମେଣ୍ଟ ଆସନ୍ତା ତା. ୨୪.୦୧.୨୦୨୭ ରିଖ ଠାରୁ ଆରମ୍ଭ ହୋଇ ତା. ୩୧.୦୧.୨୦୨୭ ରିଖ ପର୍ଯ୍ୟନ୍ତ ହେବ ବୋଲି ସଭାପତି ରାମ ଶଙ୍କର ସାହୁ ସୂଚନା ପ୍ରଦାନ କରିଥିଲେ। ପରିଶେଷରେ ସଂଘର କୋଷାଧ୍ୟକ୍ଷ ଶ୍ୟାମସୁନ୍ଦର ପାତ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରିଥିଲେ।

ରାଜନେତା ଏକାଦଶ ଡିସିଏଲ୍ ଫୁଟବଲ୍ କପ୍ ଚାମ୍ପିୟନ

ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ

ଭୁବନେଶ୍ୱରରେ ଏକ ନିଆରା ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏକ ନମ୍ବର ଫୁଟବଲ୍ ଏକାଡେମୀ ପରିସରରେ ଡିସିଏଲ୍ ପକ୍ଷରୁ ଅନୁଷ୍ଠିତ ହୋଇଥିଲା ଏହି ଟୁର୍ଣ୍ଣାମେଣ୍ଟ। ସମୁଦାୟ ୭ଟି ମ୍ୟାଚ୍ ଅନୁଷ୍ଠିତ ହୋଇଥିବା ବେଳେ ଦୁଇଟି ଗ୍ରୁପ୍‌ରେ ବିଭକ୍ତ ହୋଇ ଏଥିରେ ୮ଟି ଦଳ ଅଂଶଗ୍ରହଣ କରିଥିଲେ।

ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଦଳଗୁଡିକ ହେଲେ ରାଜନେତା ଏକାଦଶ, ଓଲିଉଡ୍, ଗଣମାଧ୍ୟମ, ଆଇନଜୀବୀ, ଅଗ୍ନିଶମ, ଷଷ୍ଠ ବାଟାଲିୟନ, ପୋଲିସ ଓ ସଚିବାଳୟ।

ପ୍ରଥମ ଗ୍ରୁପ୍‌ର ୪ ଦଳରୁ ପୋଲିସ ଲାଇନ ଓ ଷଷ୍ଠ ବାଟାଲିୟନ ମଧ୍ୟରେ ଅନୁଷ୍ଠିତ ସେମିଫାଇନାଲରେ ପୋଲିସ ଲାଇନ ୨-୦ ଗୋଲରେ ଷଷ୍ଠ ବାଟାଲିୟନକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିବା ବେଳେ ଦ୍ୱିତୀୟ ଗ୍ରୁପର ୪ ଦଳ ମଧ୍ୟରୁ ରାଜନେତା ଏକାଦଶ ୨-୦ ଗୋଲରେ ଆଇନଜୀବୀ ଏକାଦଶକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲା।



ରାଜନେତା ଏକାଦଶ ଫାଇନାଲ ମ୍ୟାଚରେ ପୋଲିସ ଲାଇନକୁ ୨-୦ରେ ପରାସ୍ତ କରି ଡିସିଏଲ ଚମ୍ପିୟନ ଟ୍ରଫି ହାସଲ କରିଥିଲା।

ଏହି ଅବସରରେ ଏକ ଚିତ୍ତାକର୍ଷକ ପ୍ରଦର୍ଶନୀ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ମହିଳା ସାମ୍ବାଦିକ ଓ ଅଭିନେତ୍ରୀ ଏକାଦଶଙ୍କ ସହ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍ ବହୁତ ଆକର୍ଷଣୀୟ ଥିଲା।

ବିଧାୟକ ଅରୁଣ କୁମାର ସାହୁ, ରମେଶ ଜେନା, ଡ. ଫକୀର ମୋହନ ନାୟକ, ସିଦ୍ଧାନ୍ତ ମହାପାତ୍ର, ସୋଫିଆ ଫିର୍ଦ୍ଦୌସ, ପୂର୍ବତନ ବିଧାୟକ ସୁରେଶ କୁମାର ରାଉତରାୟ, ମହମ୍ମଦ ମୋକିମ, ସମାଜସେବୀ ହିମାଂଶୁ ଭୂଷଣ କର, ଶିବରାଜ ଠାକୁର ପ୍ରମୁଖ ନେତୃବୃନ୍ଦ ଯୋଗଦେଇ ବିଜୟୀ ଦଳକୁ ଏବଂ ରନର୍ସ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବେ ବିଧାୟକ ଡ. ଫକୀର ମୋହନ ନାଏକଙ୍କୁ, ଶ୍ରେଷ୍ଠ ଫରୱାର୍ଡ ଭାବେ ପୋଲିସ୍ ଲାଇନ୍ ଏକାଦାସର ସନାତନ ମୁଣ୍ଡା, ଶ୍ରେଷ୍ଠ ମିଡ୍‌ଫିଲ୍ଡର ଆଇନଜୀବୀ ଏକାଦଶର ଅଂଶୁମାନ ରାୟ, ଶ୍ରେଷ୍ଠ ଡିଫେଣ୍ଡର ଭାବେ ପୋଲିସ ଲାଇନ ଏକାଦଶର ସୁଶାନ୍ତ ମାଝୀ, ଶ୍ରେଷ୍ଠ ଗୋଲକିପର ଭାବେ ହିମାଂଶୁ ମହାପାତ୍ର, ଫେୟାର ପ୍ଲେ ଆୱାର୍ଡ ଭାବେ ଆଇନଜୀବୀ ଏକାଦଶକୁ ଟ୍ରଫି ପ୍ରଦାନ କରାଯାଇଥିଲା।

ସେହିଭଳି ମହିଳା ପ୍ରଦର୍ଶନୀ ମ୍ୟାଚ୍ ବିଜେତା ଓଲିଉଡ ଅଭିନେତ୍ରୀ ଏକାଦଶ ଦଳର ମାମାଲି ମିଶ୍ରଙ୍କୁ ଶ୍ରେଷ୍ଠ ମହିଳା ଖେଳାଳି ଭାବେ ପୁରସ୍କୃତ କରାଯାଇଥିବା ବେଳେ ଉଭୟ ଦଳକୁ ଟ୍ରଫି ଓ ଖେଳାଳିଙ୍କୁ ପଦକ ପ୍ରଦାନ କରାଯାଇଥିଲା।

ପ୍ରଥମ ଟେଷ୍ଟ ପୂର୍ବରୁ ଅଧିନାୟକ ଶୁବମନ ଗିଲଙ୍କ ବଡ଼ ଘୋଷଣା : ପ୍ଲେଇଂ-୧୧ରେ ସାମିଲ ହେବେ ୪ ଦ୍ରୁତ ବୋଲର

ନୂଆଦିଲ୍ଲୀ

ଭାରତ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ୱେଲିଂଟନରେ ପ୍ରଥମ ଟେଷ୍ଟ ମ୍ୟାଚ୍ ଖେଳାଯିବାକୁ ଯାଉଛି। ଏହି ଦୁଇ ଦେଶ ମଧ୍ୟରେ ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ନଭେମ୍ବର ୧୯ ତାରିଖରୁ ଆରମ୍ଭ ହେବ। ଏହା ପୂର୍ବରୁ ଭାରତୀୟ ଅଧିନାୟକ ଶୁବମନ ଗିଲ୍ ଏକ ସାମ୍ବାଦିକ ସମ୍ମିଳନୀରେ ଅନେକ ସୂଚନା ଦେଇଛନ୍ତି। ନ୍ୟୁଜିଲାଣ୍ଡର ପରିସ୍ଥିତିରେ ଟିମ୍ ଇଣ୍ଡିଆର କମ୍ବିନେସନ ଉପରେ ସମସ୍ତଙ୍କ ନଜର ରହିଛି। ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ଦୃଷ୍ଟିରୁ ଏହି ସିରିଜ୍ ଭାରତୀୟ ଦଳ ପାଇଁ ଗୁରୁତ୍ୱପୂର୍ଣ୍ଣ ଅଟେ ଏବଂ ଟିମ୍ ମ୍ୟାନେଜମେଣ୍ଟ ଏହାକୁ ଜିତିବା ପାଇଁ ଏକ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରିଛି।

ଶୁବମନ ଗିଲ ସାମ୍ବାଦିକ ସମ୍ମିଳନୀରେ ମାଧ୍ୟମରେ ଜଣାଇଛନ୍ତି ଯେ ପରିସ୍ଥିତିକୁ ଦେଖି ଟିମ୍ ଇଣ୍ଡିଆ ଚାରିଜଣ ଦ୍ରୁତ ବୋଲରଙ୍କ ସହ ପଡ଼ିଆକୁ ଓହ୍ଲାଇବ। ଟି୨୦ ଏବଂ ଦିନିକିଆ ସିରିଜରେ ମଧ୍ୟ ଦ୍ରୁତ ବୋଲରମାନଙ୍କୁ ଫାଇଦା ମିଳିଥିଲା। ଏହି କାରଣରୁ ସେ ଟେଷ୍ଟ ମ୍ୟାଚରେ ମଧ୍ୟ ସେହି ସମାନ କମ୍ବିନେସନ ସହ ଓହ୍ଲାଇବାକୁ ନିଷ୍ପତ୍ତି ନେଇଛନ୍ତି।

ଭାରତୀୟ ଅଧିନାୟକ କହିଛନ୍ତି, 'ଆମେ ଚାରିଜଣ ଦ୍ରୁତ ବୋଲରଙ୍କ ସହ ଓହ୍ଲାଇବୁ। ଆମର ସମସ୍ତ ଦ୍ରୁତ ବୋଲର ଭଲ ପ୍ରଦର୍ଶନ କରିଛନ୍ତି ଏବଂ ଏଭଳି ଚିନ୍ତା ସବୁବେଳେ ଭଲ ହୋଇଥାଏ। ଆମେ ଚାରିଜଣ ଦ୍ରୁତ ବୋଲର ଚାହୁଁଛୁ, କିନ୍ତୁ କିଏ ଖେଳିବ ତାହା ଏପର୍ଯ୍ୟନ୍ତ ସ୍ଥିର ହୋଇନାହିଁ। ଆମେ ଦେଖିଛୁ ଯେ ତୃତୀୟ ଦିନ ପରେ ପିଚ୍ ଫ୍ଲାଟ୍ ହୋଇଯାଏ ଏବଂ ଆମକୁ ଏପରି ବୋଲର ଦରକାର, ଯେଉଁମାନେ ପିଚରୁ ବାଉନ୍ସ ପାଇପାରିବେ।'



ଦ୍ରୁତ ବୋଲରମାନଙ୍କୁ ମିଳୁଥିବା ସହାୟତା ଯୋଗୁଁ ହିଁ ଟିମ୍ ଇଣ୍ଡିଆ ନିଜ ସ୍କ୍ୱାଡରେ ଏକ ବଡ଼ ପରିବର୍ତ୍ତନ କରିଛି। ପୂର୍ବରୁ କୁଲଦୀପ ଯାଦବ ଭାରତୀୟ ଟେଷ୍ଟ ଦଳର ଅଂଶ ଥିଲେ, କିନ୍ତୁ ବର୍ତ୍ତମାନ ଗୁରନୂର ବ୍ରାର ତାଙ୍କ ସ୍ଥାନ ନେଇଛନ୍ତି। ଟିମ୍ ମ୍ୟାନେଜମେଣ୍ଟ ହୁଏତ କୁଲଦୀପଙ୍କୁ ଗୋଟିଏ ବି ମ୍ୟାଚ୍ ଖେଳିବାର ସୁଯୋଗ ଦେଇନଥାନ୍ତା। ଏହି କାରଣରୁ ତାଙ୍କୁ ରିଲିଜ୍ କରିଦିଆ ଯାଇଛି, ଯେପରିକି ସେ ସୟଦ ମୁସ୍ତାକ ଅଲି ଟ୍ରଫି ଖେଳିପାରିବେ। ଗୁରନୂର ବ୍ରାର ଦିନିକିଆ ସିରିଜରେ ଚମତ୍କାର ବୋଲିଂ କରିଥିବାରୁ ଭାରତୀୟ ସ୍କ୍ୱାଡ୍‌ରେ ସ୍ଥାନ ପାଇଛନ୍ତି।

ଋଷଭ ପନ୍ତଙ୍କ ଫିଟନେସ୍ ଟିମ୍ ଇଣ୍ଡିଆ ପାଇଁ ଏକ ବଡ଼ ସମସ୍ୟା ହୋଇ ରହିଛି। ଆହତ ହୋଇଥିବା କାରଣରୁ ସେ ଇଣ୍ଡିଆ ଏ ମ୍ୟାଚ୍ ଗୁଡ଼ିକ ଖେଳି ପାରିନଥିଲେ। ସିରିଜ୍ ଠିକ୍ ପୂର୍ବରୁ ତାଙ୍କୁ ଫିଟ୍ ଘୋଷଣା କରାଯାଇଛି। ତେବେ, ସମସ୍ତଙ୍କ ମନରେ ପ୍ରଶ୍ନ ରହିଛି ଯେ ପନ୍ତଙ୍କୁ ସିଧାସଳଖ ଦଳରେ ସ୍ଥାନ ମିଳିବ ନା ତାଙ୍କୁ ଗୋଟିଏ ମ୍ୟାଚ୍ ପାଇଁ ବିଶ୍ରାମ ଦିଆଯିବ। ଶୁବମନ ଗିଲ ସ୍ପଷ୍ଟ କରିଦେଇଛନ୍ତ

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୮ ନଭେମ୍ବର, ୨୦୨୬ ବୁଧବାର









ଭୁବନେଶ୍ୱର : ବିଧାନସଭା ଅଧିବେଶନ ଅବସରରେ ଦଳୀୟ ସ୍ଥିତି ନିର୍ଦ୍ଧାରଣ ଲାଗି ୩ ପ୍ରମୁଖ ରାଜନୈତିକ ଦଳ ଯଥା ଶାସକ ବିଜେପି, ବିରୋଧୀ ବିଜେଡ଼ି ଓ କଂଗ୍ରେସ ପକ୍ଷରୁ ପୃଥକ ପୃଥକ ଭାବେ ଅନୁଷ୍ଠିତ ବିଧାୟକ ଦଳ ବୈଠକ। (ଫଟୋ : ସମ୍ବାଦ କଳିକା)

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ସ୍ଥାନାନ୍ତର, ରିଲିଫ୍ ...

କନ୍ଧମାଳ ଜିଲ୍ଲାର ୨୬୨ ଜଣଙ୍କୁ ସୁରକ୍ଷିତ ସ୍ଥାନକୁ ନିଆଯାଇଛି। ଏହି ୮ଟି ଜିଲ୍ଲାରେ ମୋଟ ୩,୩୨୯ଟି ବାତ୍ୟା ଆଶ୍ରୟସ୍ଥଳୀ ଚିହ୍ନଟ ହୋଇଛି। ଏଥିମଧ୍ୟରୁ ୪ଟି ଆଶ୍ରୟସ୍ଥଳୀ କାର୍ଯ୍ୟକ୍ଷମ ହୋଇଥିବା ବେଳେ ସେଠାରେ ୨୭୬ ଜଣଙ୍କୁ ରଖାଯାଇଛି। ଗଞ୍ଜାମରେ ୧,୧୩୯, ପୁରୀରେ ୫୪୯, ଗଜପତିରେ ୫୧୮ ଓ କୋରାପୁଟରେ ୫୧୩ଟି ଆଶ୍ରୟସ୍ଥଳୀ ରହିଛି। ଆଶ୍ରୟସ୍ଥଳୀଗୁଡ଼ିକରେ ଖାଦ୍ୟ, ବିଶୁଦ୍ଧ ପାନୀୟ ଜଳ, ପରିମଳ, ଆଲୋକ, ଚିକିତ୍ସା ଓ ବିକଳ୍ପ ବିଦ୍ୟୁତ୍ ବ୍ୟବସ୍ଥା ସୁନିଶ୍ଚିତ କରିବାକୁ ଜିଲ୍ଲାପାଳମାନଙ୍କୁ କୁହାଯାଇଛି। ବିପଦପ୍ରବଣ ଭୂସ୍ଖଳନ ଜିଲ୍ଲାଗୁଡ଼ିକରେ ୨,୫୭୩ ଜଣ ଗର୍ଭବତୀ ମହିଳାଙ୍କୁ ଚିହ୍ନଟ କରାଯାଇଛି। ସେମାନଙ୍କ ମଧ୍ୟରୁ ୯୨ ଜଣଙ୍କୁ ଇତିମଧ୍ୟରେ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ସ୍ଥାନାନ୍ତର ଓ ଆଶ୍ରୟସ୍ଥଳୀ ପରିଚାଳନା ସମୟରେ ଗର୍ଭବତୀ ମହିଳା, ଶିଶୁ, ବରିଷ୍ଠ ନାଗରିକ, ଦିବ୍ୟାଙ୍ଗ ଏବଂ ଉପକୂଳ, ତଳିଆ, ବନ୍ୟା ଓ ଭୂସ୍ଖଳନ ପ୍ରବଣ ଅଞ୍ଚଳର ଲୋକଙ୍କୁ ପ୍ରାଥମିକତା ଦେବାକୁ ନିର୍ଦ୍ଦେଶ ରହିଛି। ଉଦ୍ଧାର କାର୍ଯ୍ୟ ପାଇଁ ୬୦ଟି ଓଡ୍ରାଫ୍ ଓ ୧୪ଟି ଏନଡିଆରଏଫ୍ ଟିମ୍‌କୁ ମିଶାଇ ମୋଟ ୭୪ଟି ସ୍ୱତନ୍ତ୍ର ଦଳ ପ୍ରସ୍ତୁତ ରଖାଯାଇଛି। ସେଥିମଧ୍ୟରୁ ୪୨ଟି ଓଡ୍ରାଫ୍ ଓ ୧୧ଟି ଏନଡିଆରଏଫ୍ ଟିମ୍ ବିଭିନ୍ନ ଜିଲ୍ଲାରେ ମୁତୟନ ହେବେ। ଅବଶିଷ୍ଟ ୧୮ଟି ଓଡ୍ରାଫ୍ ଓ ୩ଟି ଏନଡିଆରଏଫ୍ ଟିମ୍‌କୁ ସଂରକ୍ଷିତ ରଖାଯାଇଛି। ଗଞ୍ଜାମରେ ସର୍ବାଧିକ ୧୫ଟି ଏବଂ ଗଜପତିରେ ୭ଟି ଟିମ୍ ମୁତୟନ ହେବେ। ଏହାବ୍ୟତୀତ ଅନ୍ୟାନ୍ୟ ସମ୍ଭାବ୍ୟ ପ୍ରଭାବିତ ଜିଲ୍ଲାରେ ମଧ୍ୟ ଉଦ୍ଧାରକାରୀ ଦଳ ନିୟୋଜିତ ହେବେ। ଜରୁରୀକାଳୀନ ପ୍ରସ୍ତୁତି, ରିଲିଫ୍ କ୍ୟାମ୍ପ ଓ ଉଦ୍ଧାର କାର୍ଯ୍ୟ ପାଇଁ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠିରୁ ୬.୫୦ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏଥିରୁ ଗଞ୍ଜାମକୁ ୫ କୋଟି, ଗଜପତିକୁ ୧ କୋଟି ଏବଂ ମାଲକାନଗିରିକୁ ୫୦ ଲକ୍ଷ ଟଙ୍କା ଦିଆଯାଇଛି। ବାତ୍ୟା ପ୍ରସ୍ତୁତି ସମୀକ୍ଷା ପାଇଁ ରାଜ୍ୟ ଜରୁରୀକାଳୀନ ପରିଚାଳନା କେନ୍ଦ୍ରରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ହୋଇଥିଲା। ଏଥିରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ସ୍ୱତନ୍ତ୍ର ରିଲିଫ୍ କମିଶନର ପ୍ରଭାକର ପାଟିଲ, ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ଓ ଜିଲ୍ଲାପାଳମାନେ ଯୋଗଦେଇଥିଲେ। ଜଳଭଣ୍ଡାର, ନଦୀ ଓ ଦୁର୍ବଳ ନଦୀବନ୍ଧ ଉପରେ ନଜର ରଖିବା ସହ ରାସ୍ତା ଓ ପୋଲ ସଫା ରଖିବା, ସ୍ୱାସ୍ଥ୍ୟସେବା, ବିଦ୍ୟୁତ୍, ଟେଲିକମ୍ ଓ ଖାଦ୍ୟ ଯୋଗାଣ ଭଳି ଅତ୍ୟାବଶ୍ୟକ ସେବାକୁ ସଚଳ ରଖିବାକୁ ସମ୍ପୃକ୍ତ ବିଭାଗଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ଭୂସ୍ଖଳନ ପ୍ରବଣ ଅଞ୍ଚଳର ଉପଗ୍ରହ ଚିତ୍ର ଓ ଜିଆଇଏସ୍ ମାନଚିତ୍ର ପ୍ରସ୍ତୁତି, ସମ୍ଭାବ୍ୟ ପ୍ରଭାବିତ ଜିଲ୍ଲାରେ 'ସେଲ୍-ଅନ୍-ଭ୍ରିଲ୍ସ' ମୋବାଇଲ୍ ଟେଲିକମ୍ ୟୁନିଟ୍ ମୁତୟନ, ବ୍ୟାକଅପ୍ ବିଦ୍ୟୁତ୍ ବ୍ୟବସ୍ଥା ଏବଂ ୨୪ ଘଣ୍ଟିଆ ଟେଲିକମ୍ ସେବା ନିଶ୍ଚିତ କରିବାକୁ ପଦକ୍ଷେପ ନିଆଯାଇଛି। ଗଞ୍ଜାମ ପାଇଁ ୧୦ଟି ଓ ଗଜପତି ପାଇଁ ୬ଟି, ମୋଟ ୧୭ଟି ସାଟେଲାଇଟ୍ ଫୋନ୍ ଯୋଗାଇବାକୁ ସ୍ୱତନ୍ତ୍ର ରିଲିଫ୍ କମିଶନର ନିର୍ଦ୍ଦେଶ ଦେଇଛନ୍ତି। ତଟରକ୍ଷୀ ବାହିନୀର ବିମାନ, ଜାହାଜ, ଉଦ୍ଧାରକାରୀ ବୋଟ୍ ଓ କର୍ମଚାରୀଙ୍କୁ ମଧ୍ୟ ପ୍ରସ୍ତୁତ ରଖାଯାଇଛି। ଅନ୍ୟପକ୍ଷରେ, ସମ୍ଭାବ୍ୟ ପ୍ରଭାବିତ ଅଞ୍ଚଳରେ ରେଳଧାରଣା, ପୋଲ ଓ ଷ୍ଟେସନଗୁଡ଼ିକର ଯାଞ୍ଚ କରିବା ସହ ଆବଶ୍ୟକ ସ୍ଥଳେ ଟ୍ରେନ୍ ଚଳାଚଳ ନିୟନ୍ତ୍ରଣ କିମ୍ବା ବାତିଲ୍ ଏବଂ ଯାତ୍ରୀଙ୍କୁ ସହାୟତା ଯୋଗାଇବା ପାଇଁ ରେଳବାଇ ସହ ସମନ୍ୱୟ ରଖାଯାଉଛି। ପାଣିପାଗ ବିଭାଗର ପୂର୍ବାନୁମାନକୁ ଆଧାର କରି ବୁଧବାର ସକାଳୁ ୨୦ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀମାନଙ୍କୁ ଓଡ଼ିଶା ଉପକୂଳ ଏବଂ ସମୁଦ୍ର ମଧ୍ୟକୁ ନ ଯିବାକୁ ପରାମର୍ଶ ଦିଆଯାଇଛି। ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ପକ୍ଷରୁ ଆୟୋଜିତ ସମୀକ୍ଷା ବୈଠକରେ ଓଡ଼ିଶାର ସ୍ୱତନ୍ତ୍ର ରିଲିଫ୍ କମିଶନର ଯୋଗଦେଇ ରାଜ୍ୟର ପ୍ରସ୍ତୁତି, ସତର୍କତାମୂଳକ ପଦକ୍ଷେପ ଓ ବିଭାଗୀୟ ସମନ୍ୱୟ ସମ୍ପର୍କରେ ଅବଗତ କରାଇଛନ୍ତି। ଏଥିସହ ସମସ୍ତ ଜିଲ୍ଲାପାଳଙ୍କୁ ନିୟନ୍ତ୍ରଣ କକ୍ଷ, ବିପଦ ମାନଚିତ୍ର, ସ୍ଥାନାନ୍ତର ମାର୍ଗ, ଆଶ୍ରୟସ୍ଥଳୀ, ଉଦ୍ଧାର ଉପକରଣ ଓ ଅତ୍ୟାବଶ୍ୟକ ସେବା ସମ୍ପର୍କିତ ଜିଲ୍ଲାସ୍ତରୀୟ ବାତ୍ୟା ଓ ବନ୍ୟା ପ୍ରସ୍ତୁତି ଚେକଲିଷ୍ଟ ଦାଖଲ କରିବାକୁ କୁହାଯାଇଛି। ସମସ୍ତ ଜିଲ୍ଲା ଜରୁରୀକାଳୀନ ପରିଚାଳନା କେନ୍ଦ୍ରକୁ ୨୪ ଘଣ୍ଟିଆ ସତର୍କ ରହିବା ସହ ରାଜ୍ୟ ଜରୁରୀକାଳୀନ ପରିଚାଳନା କେନ୍ଦ୍ରକୁ ନିୟମିତ ତଥ୍ୟ ପ୍ରଦାନ କରିବାକୁ ନିର୍ଦ୍ଦେଶ ରହିଛି।

୨୦,୦୦୦ କୋଟି ...

ବିନିଯୋଗ ପାଣ୍ଠି ଏବଂ ୧୦ଟି ଜିଲ୍ଲାର ୩୭୬ଟି ଆଞ୍ଚଳିକ ମଞ୍ଜକୁ ୫.୩୬ କୋଟି ଟଙ୍କାର ନିରାପତ୍ତା ପାଣ୍ଠି ପ୍ରଦାନ କରାଯାଇଛି। ଏହି ଆର୍ଥିକ ସହାୟତା ମହିଳାମାନଙ୍କ ଉଦ୍ୟୋଗ ଓ ଜୀବିକାଭିତ୍ତିକ କାର୍ଯ୍ୟକଳାପର ସମ୍ପ୍ରସାରଣରେ ସହାୟକ ହେବ। ଚଳିତ ୨୦୨୬-୨୭ ଆର୍ଥିକ ବର୍ଷରେ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ପାଇଁ ୨୦,୦୦୦ କୋଟି ଟଙ୍କାର ବ୍ୟାଙ୍କ ଋଣ ଯୋଗାଣ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ସୁଭଦ୍ରା ଶକ୍ତି ବଜାରର ଏକ ନୂତନ ଉତ୍ପାଦ କ୍ୟାଟାଲଗ୍‌କୁ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ଉନ୍ମୋଚନ କରିଥିଲେ। ଏହି କ୍ୟାଟାଲଗ୍‌ରେ ଓଡ଼ିଶାର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ବିବିଧ ପ୍ରକାରର ଉତ୍ପାଦଗୁଡ଼ିକୁ ସ୍ଥାନ ଦିଆଯାଇଛି। ଏହା ମହିଳାମାନଙ୍କର ସୃଜନଶୀଳତା, ଉତ୍କୃଷ୍ଟ କାରିଗରୀ ଦକ୍ଷତା ଏବଂ ଉଦ୍ୟୋଗୀ ମନୋଭାବକୁ ପ୍ରତିଫଳିତ କରୁଛି। ସେହିପରି ସମାବେଶୀ ଆଜୀବିକା ଯୋଜନା ଅଧୀନରେ ବିଶେଷକରି ପ୍ରବାସନପ୍ରବଣ ଅଞ୍ଚଳର ଅତି ଦୁର୍ବଳ ପରିବାରଗୁଡ଼ିକର ଜୀବିକା ସୁଦୃଢ଼ୀକରଣ, ସାମାଜିକ ଅନ୍ତର୍ଭୁକ୍ତିକରଣ, ଦକ୍ଷତା ବିକାଶ ଓ ସରକାରୀ ସୁବିଧା ସହ ସଂଯୋଗ ସ୍ଥାପନ ଉଦ୍ଦେଶ୍ୟରେ ଓଡ଼ିଶା ଜୀବିକା ମିଶନ ଓ ଦି ନଜ୍ ଲାଇଫ୍ ସ୍କିଲ୍ସ ଫାଉଣ୍ଡେସନ୍ ମଧ୍ୟରେ ଅନ୍ୟ ଏକ ବୁଝାମଣାପତ୍ର ସ୍ୱାକ୍ଷର କରାଯାଇଛି। କାର୍ଯ୍ୟକ୍ରମରେ 'ସୁଭଦ୍ରା ଶକ୍ତି' ବ୍ରାଣ୍ଡ ଅଧୀନରେ ଖୋର୍ଦ୍ଧା ମାତୃଶକ୍ତି କୃଷକ ଉତ୍ପାଦକ କମ୍ପାନୀ ପକ୍ଷରୁ ଅନ୍ତର୍ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନର ବୈଷୟିକ ସହଯୋଗରେ ପ୍ରସ୍ତୁତ କମ୍ ଗ୍ଲାଇସେମିକ୍ ଇଣ୍ଡେକ୍ସ ବିଶିଷ୍ଟ ଚାଉଳ ଭିତ୍ତିକ ଇଡ୍‌ଲି ରାଗ୍ଭ, ଚୁଡ଼ା, ଚାଉଳ ଓ ମିଲେଟ୍ ଭିତ୍ତିକ ପୁଷ୍ଟିକର କୁକିଜ୍ ଏବଂ ପ୍ରିମିୟମ୍ ସୁଗନ୍ଧିତ କଳାଜିରା ଚାଉଳର ଶୁଭାରମ୍ଭ କରାଯାଇଛି। ଏହି ପଦକ୍ଷେପ ପାରମ୍ପରିକ କୃଷିଜାତ ଉତ୍ପାଦର ମୂଲ୍ୟବୃଦ୍ଧି ସହ ମହିଳା ପରିଚାଳିତ ଉତ୍ପାଦକ ସଂସ୍ଥାଗୁଡ଼ିକ ପାଇଁ ନୂତନ ଆୟ ଓ ବ୍ୟବସାୟିକ ସୁଯୋଗ ସୃଷ୍ଟି କରିବ। ଏଥିସହ ମହିଳା କୃଷକ ଉତ୍ପାଦକ କମ୍ପାନୀଗୁଡ଼ିକର ବଜାର ସଂଯୋଗ ସମ୍ପ୍ରସାରଣ ନିମନ୍ତେ ୬ଟି ବ୍ୟବସାୟିକ ବୁଝାମଣାପତ୍ର ଓ ସହଭାଗିତା ସ୍ଥାପନ କରାଯାଇଛି। ଏହା ମାଧ୍ୟମରେ ୪ କୋଟି ୫୬ ଲକ୍ଷ ୫୦ ହଜାର ଟଙ୍କାରୁ ଅଧିକ ସମ୍ଭାବ୍ୟ ବ୍ୟବସାୟିକ କାରବାରର ସୁଯୋଗ ସୃଷ୍ଟି ହୋଇଛି। ଏହି ସହଭାଗିତାରେ ଉତ୍ତରାଖଣ୍ଡର କିଡ୍ସ କିଷାନ ଫ୍ରୁଣ୍ଡୋ , ତେଲଙ୍ଗାନାର ବକ୍ରତେଜା ରାଇସ୍ କ୍ଲଷ୍ଟର ପ୍ରା.ଲି., କଳାହାଣ୍ଡିର ବିଜୟଲକ୍ଷ୍ମୀ ପାଡି ଆଣ୍ଡ ଆଗ୍ରୋ ପ୍ରା.ଲି., ଭୁବନେଶ୍ୱରର ଭିଲା ମାର୍ଟନ, ଗୁରୁଗ୍ରାମର କିଷାନସେ ଆଗଟେକ୍ ପ୍ରା.ଲି. ଏବଂ ପାରଳାଖେମୁଣ୍ଡିର ଇସେ ନାଚୁରାଲସ୍ ଆଣ୍ଡ ନ୍ୟୁଟ୍ରିସନ୍ ପ୍ରା.ଲି . ସାମିଲ ହୋଇଛନ୍ତି। ଏହାଦ୍ୱାରା କଳାଜିରା ଚାଉଳ, ଲୋ-ଜିଆଇ ଚାଉଳ, ଚୁଡ଼ା, ଇଡ୍‌ଲି ରାଗ୍ଭ ଓ ଅନ୍ୟାନ୍ୟ ମୂଲ୍ୟଯୁକ୍ତ ଖାଦ୍ୟ ଉତ୍ପାଦ ପାଇଁ ଆନୁଷ୍ଠାନିକ କ୍ରୟ ଓ ସିଧାସଳଖ ଗ୍ରାହକ ବଜାର ସଂଯୋଗ ଅଧିକ ସୁଦୃଢ଼ ହେବ। ମହିଳା ଉଦ୍ୟୋଗୀଙ୍କ ଉତ୍ପାଦକୁ ଡିଜିଟାଲ୍ ବଜାରରେ ପହଞ୍ଚାଇବା ଦିଗରେ ଭୁବନେଶ୍ୱରସ୍ଥିତ ଭିଲା ମାର୍ଟର ଇ-କମର୍ସ ପ୍ଲାଟଫର୍ମ ମାଧ୍ୟମରେ ଖୋର୍ଦ୍ଧା ମାତୃଶକ୍ତି କୃଷକ ଉତ୍ପାଦକ କମ୍ପାନୀର 'ସୁଭଦ୍ରା ଶକ୍ତି' ବ୍ରାଣ୍ଡ ଅଧୀନରେ ପ୍ରସ୍ତୁତ ବିଭିନ୍ନ ଖାଦ୍ୟ ଉତ୍ପାଦର ଅନଲାଇନ୍ ପ୍ରଦର୍ଶନ ଓ ପ୍ରଚାରର ଶୁଭାରମ୍ଭ କରାଯାଇଛି। ଏହା ମହିଳା ଉଦ୍ୟୋଗୀଙ୍କ ଉତ୍ପାଦର ବଜାର ପରିସର ବୃଦ୍ଧି ସହ ନୂତନ ଗ୍ରାହକଙ୍କ ନିକଟରେ ପହଞ୍ଚିବାର ସୁଯୋଗ ସୃଷ୍ଟି କରିବ। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ମହିଳାମାନଙ୍କ ଆର୍ଥିକ ସ୍ୱାବଲମ୍ବନ ଓ ଉଦ୍ୟୋଗୀକରଣକୁ ରାଜ୍ୟର ସାମଗ୍ରିକ ବିକାଶର ଏକ ପ୍ରମୁଖ ଆଧାର। ଆର୍ଥିକ ସହାୟତା ସହ ଦକ୍ଷତା ବିକାଶ, ପ୍ରଯୁକ୍ତିଗତ ସହଯୋଗ ଓ ବଜାର ସଂଯୋଗ ଯୋଗାଇଦେବା ଦ୍ୱାରା ସେମାନଙ୍କ ଉଦ୍ୟୋଗୀ ଯାତ୍ରା ତ୍ୱରାନ୍ୱିତ ହେବ ବୋଲି ସେ କହିଛନ୍ତି। ବିକଶିତ ଓଡ଼ିଶା ୨୦୩୬ର ଲକ୍ଷ୍ୟ ହାସଲ ଦିଗରେ ମହିଳାମାନଙ୍କ ଆର୍ଥିକ ଓ ସାମାଜିକ ସଶକ୍ତିକରଣ ପାଇଁ ରାଜ୍ୟ ସରକାର ପ୍ରତିବଦ୍ଧ ବୋଲି ସେ କହିଛନ୍ତି। ଡବଲ୍ ଇଞ୍ଜିନ୍ ସରକାରରେ ମହିଳାମାନଙ୍କର ଦୁଇଗୁଣା ପ୍ରଗତି ହେଉଛି। ଏହାର ଏକ ଜ୍ୱଳନ୍ତ ଉଦାହରଣ ହେଉଛି ଯେ, ଚଳିତ ନଭେମ୍ବର ୨୪ ଓ ୨୫ ତାରିଖରେ ଆମର ସ୍ୱୟଂ ସହାୟକ ଗୋଷ୍ଠୀର ମା'ମାନେ ବ୍ୟବସାୟ ପାଇଁ ଇଣ୍ଡୋନେସିଆର ବାଲି ଯାତ୍ରା କରିବାକୁ ଯାଉଛନ୍ତି। ପ୍ରାଚୀନ କାଳରେ ଓଡ଼ିଶାର ସାଧବ ପୁଅମାନେ ଯେପରି ବୋଇତରେ ବିଦେଶ ଯାଇ ବାଣିଜ୍ୟ ବ୍ୟବସାୟ କରୁଥିଲେ, ଆଜି ଆମର ମହିଳା ଉଦ୍ୟୋଗୀମାନେ ସେହି ଐତିହ୍ୟକୁ ପୁନର୍ଜୀବିତ କରି ଅନ୍ତର୍ଜାତୀୟ ବଜାରରେ ଓଡ଼ିଶାର ଗୌରବ ବୃଦ୍ଧି କରିବେ, ବୋଲି ସେ ମତ ରଖିଛନ୍ତି । କାର୍ଯ୍ୟକ୍ରମରେ ମିଶନ ଶକ୍ତି ବିଭାଗର ବରିଷ୍ଠ ଅଧିକାରୀ, ବିଭିନ୍ନ ବ୍ୟାଙ୍କ ଓ ସହଯୋଗୀ ସଂସ୍ଥାର ପ୍ରତିନିଧି, ମହିଳା କୃଷକ ଉତ୍ପାଦକ କମ୍ପାନୀର ପ୍ରତିନିଧି ଏବଂ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଉପସ୍ଥିତ ଥିଲେ।

ସବୁ ଦଳର...

ଏହା ସହ ଆଇନ ଶୃଙ୍ଖଳା, ଭତ୍ତା ସମସ୍ୟା, ଶିକ୍ଷା, ସ୍ୱାସ୍ଥ୍ୟ ସମସ୍ୟା ଉଠାଇବୁ ବୋଲି ସେ କହିଛନ୍ତି । ଅନ୍ୟପକ୍ଷରେ କଂଗ୍ରେସ ବିଧାୟକ ଦଳର ନେତା ରାମଚନ୍ଦ୍ର କାଡାମ୍ କହିଛନ୍ତି ଯେ, ଦଳ ପକ୍ଷରୁ କୋଟିଆ ପ୍ରସଙ୍ଗ ସମେତ ବନ୍ୟା ଓ ବାତ୍ୟା ପରିଚାଳନା ସମ୍ପର୍କିତ ବିଷୟ ମଧ୍ୟ ଗୃହରେ ଉଠାଯିବ। କଂଗ୍ରେସ ବିଧାୟକ ଦଳ ବୈଠକରେ ବିଧାନସଭା ଅଧିବେଶନ ପାଇଁ ଦଳର ରଣନୀତି ଚୂଡ଼ାନ୍ତ ହୋଇଛି ବୋଲି ସେ କହିଛନ୍ତି।

ବିଧାନସଭାରେ...

ସେ କହିଛନ୍ତି ଏ ସରକାରଙ୍କ ବିଫଳତାର ସବୁଠାରୁ ବଡ଼ ଉଦାହରଣ ହେଉଛି ବିପର୍ଯ୍ୟୟ ପରିଚାଳନା। ନିକଟରେ ଗଞ୍ଜାମରେ ଘଟିଥିବା ମନୁଷ୍ୟକୃତ ବନ୍ୟା ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ଓଡ଼ିଶାର ଛବିକୁ ମଳିନ କରିବା ସହ ଡବଲ୍ ଇଞ୍ଜିନ୍ ସରକାରର ଅପାରଗତାକୁ ପଦାରେ ପକାଇଛି। ଗଞ୍ଜାମ, ଗଜପତି ଓ କନ୍ଧମାଳ ଜିଲ୍ଲାର ଲୋକମାନେ ଅକଥନୀୟ ଦୁର୍ଦ୍ଦଶା ଭୋଗିଛନ୍ତି। ତାଙ୍କର ଗଞ୍ଜାମ ଗସ୍ତ ସମୟରେ ଲୋକଙ୍କ ଦୁଃଖଦୁର୍ଦ୍ଦଶା ଓ ସମ୍ପତ୍ତିର ବ୍ୟାପକ କ୍ଷୟକ୍ଷତି ଦେଖି ସେ ଅତ୍ୟନ୍ତ ମର୍ମାହତ ହୋଇଥିବା କହିଥିଲେ। ସେ କହିଛନ୍ତି କୋରାପୁଟ କୋଟିଆ ସମସ୍ୟାର ସମାଧାନ ପାଇଁ ଡବଲ୍ ଇଞ୍ଜିନ୍ ସରକାରଙ୍କର ରାଜନୈତିକ ଇଚ୍ଛାଶକ୍ତିର ଅଭାବ ରହିଛି। ବିଜେଡି ନେତାମାନେ କୋଟିଆ ଗସ୍ତ କରି ଆନ୍ଧ୍ରପ୍ରଦେଶ ସରକାରଙ୍କ ଦାଦାଗିରି ବିରୋଧରେ ପ୍ରତିବାଦ କରିଛନ୍ତି। ଆମ ଜମି ଏବଂ ଓଡ଼ିଆ ଅସ୍ମିତାର ସୁରକ୍ଷା ପାଇଁ ଆମେ ଶେଷ ପର୍ଯ୍ୟନ୍ତ ଲଢ଼େଇ କରିବୁ ବୋଲି ନବୀନ କହିଛନ୍ତି। ସେ କହିଛନ୍ତି ଏ ସରକାର କ୍ଷମତାକୁ ଆସିବା ପରଠାରୁ ଚାଷୀମାନେ ସବୁଠାରୁ ଅଧିକ ପ୍ରଭାବିତ ହୋଇଛନ୍ତି। ମଣ୍ଡିଗୁଡ଼ିକ ଠିକ୍ ସମୟରେ ଖୋଲୁନାହିଁ। ଧାନ ସଂଗ୍ରହ ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଭାରତୀୟ ଖାଦ୍ୟ ନିଗମ ଓଡ଼ିଶାର ଚାଷୀଙ୍କ ଚାଉଳ ଉଠାଉ ନାହିଁ। ସମ୍ପ୍ରତି ଅନୁଷ୍ଠିତ କଲେଜ ନିର୍ବାଚନରେ ବିଜୁ ଛାତ୍ର ଜନତା ଦଳ ଉଲ୍ଲେଖନୀୟ ପ୍ରଦର୍ଶନ କରି ଶାସକ ଦଳର ଅର୍ଥବଳ ଓ ବାହୁବଳକୁ ପରାସ୍ତ କରିଛି। ନିର୍ବାଚନ ଫଳାଫଳକୁ ପ୍ରଭାବିତ ଓ ହେରଫେର କରିବା ପାଇଁ ସରକାରଙ୍କ ସକ୍ରିୟ ହସ୍ତକ୍ଷେପ ସବୁଠି ନିନ୍ଦିତ ହୋଇଛି। ଦରଦାମ୍ ବୃଦ୍ଧି, ଆଇନଶୃଙ୍ଖଳା ପରିସ୍ଥିତି ଓ ଭତ୍ତା ଆଦି ସବୁ କ୍ଷେତ୍ରରେ ଏ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛି। ଗତ ଛଅ ମାସ ଧରି ହିତାଧିକାରୀମାନେ ଭତ୍ତା ପାଇନାହାନ୍ତି। ଏହାର ପରିଣାମସ୍ୱରୂପ କେତେକ ହିତାଧିକାରୀ ଆତ୍ମହତ୍ୟା କରିଥିବା ଘଟଣା ସାମ୍ନାକୁ ଆସିଛି। ମୁଖ୍ୟ ବିରୋଧୀ ଦଳ ଭାବେ ଏହି ସମସ୍ତ ପ୍ରସଙ୍ଗକୁ ଉଠାଇ ଡବଲ୍ ଇଞ୍ଜିନ୍ ସରକାରର ନୈରାଶ୍ୟଜନକ କାର୍ଯ୍ୟଦକ୍ଷତା ନେଇ ଲୋକଙ୍କ ସ୍ୱର ଆହୁରି ଶାଣିତ କରାଯିବ ବୋଲି ବିରୋଧୀ ଦଳ ନେତା କହିଛନ୍ତି।

ଗଞ୍ଜାମ ମୃତକଙ୍କ...

ଜଣାଇଛନ୍ତି। ଏଥିସହ ମୃତକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ ଲକ୍ଷ ଟଙ୍କାର ସହାୟତା ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏକ୍ସ ମାଧ୍ୟମରେ ଏହି ସୂଚନା ଦିଆଯାଇଛି।

ସରକାରୀ କର୍ମଚାରୀଙ୍କ...

ଭତ୍ତା ଚଳିତ ନଭେମ୍ବର ମାସ ଦରମାରେ ନଗଦ ଆକାରରେ ମିଳିବ । ଏହା ସହିତ ପେନ୍‌ସନଭୋଗୀ ମାନଙ୍କ ଟି.ଆଇରେ ମଧ୍ୟ ୩% ବୃଦ୍ଧି କରାଯାଇଛି। ସେମାନେ ମଧ୍ୟ ଅନୁରୂପ ଭାବେ ନଭେମ୍ବର ମାସ ପେନ୍‌ସନରେ ଏହି ବର୍ଦ୍ଧିତ ଟି.ଆଇ ପାଇବେ। ଏହା ଦ୍ୱାରା ପ୍ରାୟ ସାଢେ ଆଠ ଲକ୍ଷ ସରକାରୀ କର୍ମଚାରୀ ଓ ପେନ୍‌ସନଭୋଗୀ ଉପକୃତ ହେବେ।

ବିଧାନସଭା ଅଧିବେଶନ...

ଉପରେ ପୋଲିସର କଡ଼ା ନଜର ରହିବ। ଡିଜିପି କହିଛନ୍ତି ଯେ, ସୁରକ୍ଷା ବ୍ୟବସ୍ଥା ପରିଚାଳନା ପାଇଁ ପର୍ଯ୍ୟାପ୍ତ ସଂଖ୍ୟକ ପୋଲିସ ଅଧିକାରୀ ଓ ଯବାନ ଉପଲବ୍ଧ ଅଛନ୍ତି। ବିଧାନସଭା ଅଧିବେଶନ ସମୟରେ ସୁରକ୍ଷା ବ୍ୟବସ୍ଥାକୁ ସଫଳତାର ସହ ପରିଚାଳନା କରିବା ନେଇ ପୋଲିସ ପ୍ରଶାସନ ସମ୍ପୂର୍ଣ୍ଣ ଆଶାବାଦୀ ରହିଛି।



ଭୁବନେଶ୍ୱର ପ୍ରଦର୍ଶନୀ ପଡିଆରେ ଚାଲିଥିବା ୨୬ତମ ରାଜଧାନୀ ପୁସ୍ତକ ମେଳାର ଏକାମ୍ର ପୁସ୍ତକ ମହୋତ୍ସବ 'ଶ୍ରୀଜଗନ୍ନାଥ ସନ୍ଧ୍ୟା'ର ପୁରସ୍କାର ପ୍ରଦାନ ଉତ୍ସବରେ ସମ୍ବର୍ଦ୍ଧିତ ବ୍ୟକ୍ତି ବିଶେଷଙ୍କ ସହ ମଞ୍ଚାସୀନ ଅଛନ୍ତି ମୁଖ୍ୟ ଅତିଥି ବିଶିଷ୍ଟ ସାହିତ୍ୟିକ ଡା. ଇନ୍ଦ୍ରମଣି ଜେନା, ବଡୁସୁଆର ନିଯୋଗ ଶ୍ରୀମନ୍ଦିର ସଭା

ରବିବାସରୀୟ କଳିକା

ଭୁବନେଶ୍ୱର, ୧୮ ନଭେମ୍ବର, ବୁଧବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27

ସାକ୍ଷୀଗୋପାଳ ମନ୍ଦିରରେ ରାଧାପାଦ ଦର୍ଶନ ପାଇଁ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା

ସାକ୍ଷୀଗୋପାଳ,୧୭/୧୧ ନ୍ୟୁଜ ବ୍ୟୁରୋ

ବୁଧବାର ପବିତ୍ର ଅଁଳାନବମୀ । ଏହି ଅବସରରେ ସାକ୍ଷୀଗୋପାଳ ମନ୍ଦିରରେ ରାଧାପାଦ ଦର୍ଶନ ଅନୁଷ୍ଠିତ ହେବ । ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବାର ସମ୍ଭାବନା ରହିଛି । ଭକ୍ତଙ୍କ ସୁରକ୍ଷା, ଶୃଙ୍ଖଳିତ ଦର୍ଶନ ଓ ଭିଡ଼ ନିୟନ୍ତ୍ରଣ ପାଇଁ ବ୍ୟାପକ ପୁଲିସ୍ ବନ୍ଦୋବସ୍ତ କରାଯାଇଛି। ୨୬ ପ୍ଲାଟୁନ୍ ଫୋର୍ସ ମୁତୟନ ହେବେ ବୋଲି କେନ୍ଦ୍ରାଞ୍ଚଳ ଆଇଜି ସତ୍ୟଜିତ ନାୟକ ପ୍ରସ୍ତୁତି ସମୀକ୍ଷା ଅବସରରେ ସୂଚନା ଦେଇଛନ୍ତି । ଆଇଜିଙ୍କ ସୂଚନା ଅନୁଯାୟୀ, ସୁରକ୍ଷା ବ୍ୟବସ୍ଥାରେ ୨ ଜଣ ଅତିରିକ୍ତ ଏସ୍‌ପି ପାହ୍ୟାର ଅଧିକାରୀ, ୧୧ ଜଣ ଡିଏସ୍‌ପି ଓ ଡେପୁଟି କମାଣ୍ଡାଣ୍ଟ ପାହ୍ୟାର ଅଧିକାରୀ, ୨୧ ଜଣ ଇନ୍‌ସପେକ୍ଟର, ୭୦ ଜଣ ଏଏସ୍‌ଆଇ ପାହ୍ୟାର ଅଧିକାରୀ ନିୟୋଜିତ ରହିବେ। ଭକ୍ତମାନେ ଯେପରି ଶୃଙ୍ଖଳିତ ଭାବେ ଦର୍ଶନ କରିପାରିବେ ସେଥିପାଇଁ ଭିଡ଼ ନିୟନ୍ତ୍ରଣ, ଟ୍ରାଫିକ୍ ପରିଚାଳନା, ପାର୍କିଂ ଓ ନିରୀକ୍ଷଣ ବ୍ୟବସ୍ଥାକୁ ଗୁରୁତ୍ୱ ଦିଆଯାଇଛି। ମନ୍ଦିର ପରିସରରେ ୬ ଧାଡ଼ି ବିଶିଷ୍ଟ ଜିଗ୍‌ଜାଗ୍ ବ୍ୟାରିକେଡିଂ ବ୍ୟବସ୍ଥା କରାଯାଇଛି । ଭକ୍ତମାନେ ନିର୍ଦ୍ଦିଷ୍ଟ ପ୍ରବେଶ ଓ ପ୍ରସ୍ଥାନ ପଥ ଦେଇ ଦର୍ଶନ କରିବେ । ଧାଡ଼ିରେ ଅପେକ୍ଷା କରୁଥିବା ଶ୍ରଦ୍ଧାଳୁଙ୍କୁ ଖରା ଓ ବର୍ଷାରୁ ସୁରକ୍ଷା ଦେବା ପାଇଁ ବ୍ୟାରିକେଡ୍ ଉପରେ ସେଡ୍ ବ୍ୟବସ୍ଥା ହୋଇଛି । ମନ୍ଦିର ଭିତରକୁ ମୋବାଇଲ ନେବା ଉପରେ ନିୟନ୍ତ୍ରଣ ପାଇଁ ନୂତନ ଭାବେ ମୋବାଇଲ ଷ୍ଟାଣ୍ଡ ଓ ଜୋତା ଷ୍ଟାଣ୍ଡର ବ୍ୟବସ୍ଥା କରାଯାଇଛି । ଭିଡ଼ ଓ ଯାନବାହନ ପରିଚାଳନା ପାଇଁ ମଧ୍ୟ ସ୍ୱତନ୍ତ୍ର ଯୋଜନା ହୋଇଛି । ଭୁବନେଶ୍ୱର ପଟୁ ଆସୁଥିବା ଚାରିଚକିଆ ଯାନ ପାଇଁ ସତ୍ୟବାଦୀ କଲେଜ ନିକଟରେ ପାର୍କିଂ ବ୍ୟବସ୍ଥା ହୋଇଛି, ଯେଉଁଠାରେ ପ୍ରାୟ ୨୦୦ରୁ ୩୦୦ ଗାଡ଼ି ରହିପାରିବ । ପୁରୀ ପଟୁ ଆସୁଥିବା ଚାରିଚକିଆ ଯାନ ପାଇଁ ମହାମାୟା ସାହି ଦେଇ ସାକ୍ଷୀଗୋପାଳ ରେଳ ଷ୍ଟେସନ ନିକଟରେ ପାର୍କିଂ ବ୍ୟବସ୍ଥା ରହିଛି । ଦୁଇଚକିଆ ଯାନ ପାଇଁ ମନ୍ଦିର ନିକଟରେ ସ୍ୱତନ୍ତ୍ର ପାର୍କିଂ ସ୍ଥାନ ନିର୍ଦ୍ଧାରଣ କରାଯାଇଛି। ମନ୍ଦିର ଓ ଏହାର ଆଖପାଖ ଅଞ୍ଚଳର ସୁରକ୍ଷା ପାଇଁ ୧୦୦ଟି ସିସିଟିଭି ଲଗାଯାଇଛି। ଏହାର ନିରୀକ୍ଷଣ ପାଇଁ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ କାର୍ଯ୍ୟ କରିବ । କ୍ୟାମେରା ମାଧ୍ୟମରେ ଭିଡ଼ର ଘନତା ଓ ଗତିବିଧି ଉପରେ ନଜର ରଖାଯିବ। ଏଥିସହ ହ୍ୟାଣ୍ଡହେଲ୍ଡ ଓ ଡୋର୍ ଫ୍ରେମ୍ ମେଟାଲ ଡିଟେକ୍ଟର ମାଧ୍ୟମରେ ଯାଞ୍ଚ କରାଯିବ। ମନ୍ଦିର ପରିସର ଓ ଆଖପାଖ ଅଞ୍ଚଳରେ ପୁଲିସ ପାଟ୍ରୋଲିଂ ବ୍ୟବସ୍ଥା ରହିବା ସହ ମହିଳାଙ୍କୁ ଅସଦାଚରଣ ଓ ଚେନ୍ ଛିନ୍‌ତାଇ ରୋକିବା ପାଇଁ ସାଦା ପୋଷାକରେ ପୁଲିସ କର୍ମଚାରୀ ନିୟୋଜିତ ରହିବେ । ଅଗ୍ନିଶମ ଓ ସ୍ୱାସ୍ଥ୍ୟ ବିଭାଗ, ଆମ୍ବୁଲାନ୍ସ ସେବା, ତହସିଲଦାର ଓ ନିର୍ବାହୀ ମାଜିଷ୍ଟ୍ରେଟ୍‌ଙ୍କ ସହ ପୁଲିସ ପ୍ରଶାସନ ସମନ୍ୱୟ ରଖିଛି । କୌଣସି ସନ୍ଦିଗ୍ଧ ବ୍ୟକ୍ତି କିମ୍ବା ଅସ୍ୱାଭାବିକ ପରିସ୍ଥିତି ଦେଖିଲେ ତୁରନ୍ତ ୧୧୨ ଜରୁରିକାଳୀନ ନମ୍ବରକୁ ଫୋନ୍ କରି ଜଣାଇବାକୁ ଆଇଜି ଭକ୍ତମାନଙ୍କୁ ଅନୁରୋଧ କରିଛନ୍ତି । ପ୍ରଶାସନ ଓ ପୁଲିସ ପକ୍ଷରୁ ଜାରି ଟ୍ରାଫିକ୍, ପାର୍କିଂ ଏବଂ ବ୍ୟାରିକେଡିଂ ସମ୍ପର୍କିତ ନିର୍ଦ୍ଦେଶାବଳୀ ପାଳନ କରି ଶୃଙ୍ଖଳିତ ଭାବେ ଦର୍ଶନ କରିବାକୁ ପୁଲିସ ପ୍ରଶାସନ ତରଫରୁ ନିବେଦନ କରାଯାଇଛି । ସାକ୍ଷୀଗୋପାଳ ବସ୍‌ଷ୍ଟାଣ୍ଡରୁ ମନ୍ଦିର ପର୍ଯ୍ୟନ୍ତ ରାସ୍ତାରୁ ଜବରଦଖଲ ଉଚ୍ଛେଦ କରାଯାଇ ସମ୍ପ୍ରସାରଣ ହୋଇଛି । ପେଭର ବ୍ଲକ ପକାଇବା କାର୍ଯ୍ୟ ଚାଲୁ ରହିଛି ।

ଶ୍ରୀମନ୍ଦିରରେ ପଞ୍ଚୁକ : ଭୋର ୪ଟାରୁ ଆରମ୍ଭ ହେବ ନୀତିକାନ୍ତି

ପୁରୀ ୧୭।୧୧ ନ୍ୟୁଜ ବ୍ୟୁରୋ



ପଞ୍ଚୁକ ପାଇଁ ପ୍ରସ୍ତୁତ ପୁରୀ ପ୍ରଶାସନ। ଶ୍ରୀମନ୍ଦିର କାର୍ଯ୍ୟାଳୟରେ ବୈଠକ ପରେ ପ୍ରଶାସନ ପକ୍ଷରୁ ସବୁ ପ୍ରସ୍ତୁତି ଶେଷ ହୋଇଥିବା କହିଛନ୍ତି ପୁରୀ ଜିଲ୍ଲାପାଳ। ପଞ୍ଚୁକରେ ଲକ୍ଷ ଲକ୍ଷ ଭକ୍ତ ପୁରୀ ଆସିବେ। ତେଣୁ ଶ୍ରୀମନ୍ଦିରରେ ଶୃଙ୍ଖଳିତ ଦର୍ଶନ ଆଉ ନୀତିକାନ୍ତି ଉପରେ ଗୁରୁତ୍ୱ ଦିଆଯାଇଛି। ଭୋର ୪ ଟାରୁ ଦ୍ୱାର ଫିଟା ଯାଇ ସମସ୍ତ ନୀତିକାନ୍ତି ଆରମ୍ଭ ହେବ। ଯାହାଫଳରେ ଦର୍ଶନ ବ୍ୟବସ୍ଥା ଶୃଙ୍ଖଳିତ ହେବ। ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଏନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା। ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ଅଧ୍ୟକ୍ଷତାରେ ସମସ୍ତ ବିଭାଗୀୟ ଅଧିକାରୀ ଏଥିରେ ଯୋଗ ଦେଇଥିଲେ। ବୈଠକ ପରେ ଜିଲ୍ଲାପାଳ ସବୁ ବ୍ୟବସ୍ଥା ବିଷୟରେ ସୂଚନା ଦେଇଛନ୍ତି। ପଞ୍ଚୁକରେ ଶ୍ରୀକ୍ଷେତ୍ରରେ ପ୍ରବଳ ଭକ୍ତଙ୍କ ଭିଡ଼ ଜମିବ ବୋଲି ଆଶା କରାଯାଉଛି। ଏଥିପାଇଁ ଶୃଙ୍ଖଳିତ ନୀତିକାନ୍ତି ଏବଂ ଦର୍ଶନ ଉପରେ ସବୁଠୁ ଅଧିକ ଗୁରୁତ୍ୱ ଦିଆଯାଇଛି। ଭକ୍ତମାନେ ଯେମିତି ବିନା ଅସୁବିଧାରେ ମହାପ୍ରଭୁଙ୍କୁ ଦର୍ଶନ କରିପାରିବେ ସେଥିପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଛି। ମାର୍କେଟ ଛକ ଠାରୁ ବ୍ୟାରିକେଡ଼ର ବ୍ୟବସ୍ଥା କରାଯାଇଛି। ସେହିଭଳି ସିଂହଦ୍ୱାର ପଟେ ପ୍ରବେଶ ଏବଂ ଅନ୍ୟ ତିନି ଦ୍ୱାରରେ ପ୍ରସ୍ଥାନ ବ୍ୟବସ୍ଥା କରାଯାଇଛି। ଏହା ଦ୍ୱାରା ଭିଡ଼ ନିୟନ୍ତ୍ରଣ କରିବା ସହଜ ହେବ। ଭକ୍ତଙ୍କ ପାଇଁ ପାନୀୟ ଜଳ, ସ୍ୱାସ୍ଥ୍ୟ ସେବା ସହ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଛି। ବିଭାଗୀୟ ଅଧିକାରୀମାନେ ନିଜ ନିଜ କାର୍ଯ୍ୟ ଠିକ୍ ଭାବେ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

କିଟ୍ ଆଇନ ବିଦ୍ୟାଳୟ ପକ୍ଷରୁ ଆଇନ୍ ସଚେତନତା ଶିବିର

ସମସ୍ତଙ୍କ ପାଇଁ ନ୍ୟାୟ ପ୍ରାପ୍ତିର ସୁଯୋଗକୁ ସୁଦୃଢ଼ କରିବା ଦିଗରେ କିଟ୍‌ର ପ୍ରୟାସ ଜାରି



ଭୁବନେଶ୍ୱର, ୧୭।୧୧ ନ୍ୟୁଜ ବ୍ୟୁରୋ

କିଟ୍ 'ଲ' ସ୍କୁଲ୍ ଆଇନ ସେବା କ୍ଲିନିକ୍ ପକ୍ଷରୁ କଟକସ୍ଥିତ ବାସୁଦେବପୁରାଠାରେ ଏକ ଆଇନ ସଚେତନତା ଶିବିର ଆୟୋଜିତ ହୋଇଯାଇଛି । ଶିଶୁ ଅଧିକାର, ସୁରକ୍ଷା ଓ କଲ୍ୟାଣ ସହିତ ସମାଜର ଅବହେଳିତ, ଅସହାୟ ଓ ଦୁର୍ବଳ ବର୍ଗର ଲୋକଙ୍କ ଆଇନଗତ ଅଧିକାର ସଂପର୍କରେ ସଚେତନତା ସୃଷ୍ଟି କରିବା ଏହି ଶିବିରର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ଶିବିର ସମୟରେ କିଟ୍ ଆଇନ ବିଦ୍ୟାଳୟର ଛାତ୍ରଛାତ୍ରୀ ସ୍ୱେଚ୍ଛାସେବୀମାନେ ଅନୁଷ୍ଠାନର ଅନ୍ତେବାସୀ ଓ ହିତାଧିକାରୀଙ୍କ ସହ ଆଲୋଚନା କରି ଶିଶୁ ଅଧିକାର, ଶିଶୁ ସୁରକ୍ଷା, ଶିଶୁ କଲ୍ୟାଣ ଓ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ଆଇନଗତ ବ୍ୟବସ୍ଥା ସଂପର୍କରେ ସୂଚନା ପ୍ରଦାନ କରିଥିଲେ। ଶିଶୁମାନଙ୍କ ସୁରକ୍ଷା, ଯତ୍ନ, ଥଇଥାନ ଏବଂ ନ୍ୟାୟ ପ୍ରାପ୍ତି କ୍ଷେତ୍ରରେ ଆଇନର ଭୂମିକା ଓ ବିଭିନ୍ନ ସରକାରୀ ବ୍ୟବସ୍ଥାର ଉପଯୋଗିତା ଉପରେ ମଧ୍ୟ ଆଲୋକପାତ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ଛାତ୍ରଛାତ୍ରୀମାନଙ୍କୁ ଶିଶୁ ସୁରକ୍ଷା ଓ ସାମାଜିକ କଲ୍ୟାଣ କ୍ଷେତ୍ରରେ କାର୍ଯ୍ୟରତ ଏକ ଅନୁଷ୍ଠାନର କାର୍ଯ୍ୟପ୍ରଣାଳୀକୁ ନିକଟରୁ ଜାଣିବା ସହ ଆଇନ ଶିକ୍ଷାରେ ବ୍ୟବହାରିକ ଅନୁଭୂତି ହାସଲ କରିବାର ସୁଯୋଗ ପ୍ରଦାନ କରିଥିଲା। ଏଥିସହ ସମାଜର ଅବହେଳିତ ଓ ଅସହାୟ ବର୍ଗଙ୍କ ନିକଟରେ ଆଇନଗତ ସହାୟତା ଓ ସଚେତନତା ପହଞ୍ଚାଇବାର ଗୁରୁତ୍ୱକୁ ମଧ୍ୟ ଏହି ଶିବିର ଉଜାଗର କରିଥିଲା। ଏହି କାର୍ଯ୍ୟକ୍ରମ ଆଇନ ସେବା ନିର୍ଦ୍ଦେଶକ ଲୋକନାଥ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିବାବେଳେ ଶଶାଙ୍କ ନନ୍ଦେ ଓ ଡ. ପ୍ରଜ୍ଞା ପାରମିତା ରାୟ ଏହାର ସଂଯୋଜନା କରିଥିଲେ। ଏଥିରେ ଅଧ୍ୟାପିକା ଡ. ସୁସ୍ମିତା ପ୍ରିୟଦର୍ଶିନୀ ମିଶ୍ର ଏବଂ ସହକାରୀ ଆଇନ ଅଧିକାରୀ ଅମୃତା ବଳ ସହଯୋଗ କରିଥିଲେ। ଏଭଳି ସମାଜମୂଳକ କାର୍ଯ୍ୟକ୍ରମ ମାଧ୍ୟମରେ କିଟ୍ ଆଇନ ବିଦ୍ୟାଳୟ ଆଇନ ସାକ୍ଷରତାର ପ୍ରସାର, ଶିଶୁ ଅଧିକାରର ସୁରକ୍ଷା, ସାମାଜିକ ଦାୟିତ୍ୱବୋଧ ଏବଂ ସମସ୍ତଙ୍କ ପାଇଁ ନ୍ୟାୟ ପ୍ରାପ୍ତିର ସୁଯୋଗକୁ ସୁଦୃଢ଼ କରିବା ଦିଗରେ ନିଜର ପ୍ରୟାସ ଜାରି ରଖିଛି।

ବିଆଇପିଏଫ୍‌ର ଆଇଡିଏଟ ୨୦୨୬

ଗ୍ରାମୀଣ ରୂପାନ୍ତରଣ ପାଇଁ ସମୁଦାୟ ନେତୃତ୍ୱାଧୀନ ଜଳ ସୁରକ୍ଷା ଉପରେ ଗୁରୁତ୍ୱ

ଭୁବନେଶ୍ୱର,୧୭/୧୧ ନ୍ୟୁଜ ବ୍ୟୁରୋ



ବଂଶାଧର ଓ ଇଲା ପଣ୍ଟା ଫାଉଣ୍ଡେସନ୍ (ବିଆଇପିଏଫ୍) ପକ୍ଷରୁ ଫେଡେରେସନ୍ ଅଫ୍ ଇଣ୍ଡିଆନ୍ ଚେମ୍ବର୍ସ ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି (ଫିକୀ) ସହଯୋଗରେ ଏହାର ବାର୍ଷିକ ବିଚାର ବିମର୍ଶ ଓ ଅଭିଯାନଭିତ୍ତିକ ସମ୍ମିଳନୀ ଆଇଡିଏଟର ୧୫ତମ ସଂସ୍କରଣ ଭୁବନେଶ୍ୱରରେ ଆୟୋଜିତ ହୋଇଥିଲା। "ଗ୍ରାମୀଣ ରୂପାନ୍ତରଣ ପାଇଁ ଜଳ ସୁରକ୍ଷାର ପୁନଃଚିନ୍ତନ" ବିଷୟବସ୍ତୁକୁ ନେଇ ଆୟୋଜିତ ଆଇଡିଏଟ ୨୦୨୬ରେ ନୀତି ନିର୍ଦ୍ଧାରକ, ଶିଳ୍ପ ଜଗତର ନେତୃବୃନ୍ଦ, ବିକାଶ କ୍ଷେତ୍ରର କର୍ମକର୍ତ୍ତା, ବୈଷୟିକ ବିଶେଷଜ୍ଞ ଏବଂ ସମୁଦାୟର ପ୍ରତିନିଧିମାନେ ଏକତ୍ରିତ ହୋଇ ଭାରତରେ ଗ୍ରାମୀଣ ଜଳ ସୁରକ୍ଷାର ପରିବର୍ତ୍ତିତ ଦିଗ ଉପରେ ଆଲୋଚନା କରିଥିଲେ। ଏହି ଆଲୋଚନାରେ କେବଳ ଜଳ ଉପଲବ୍ଧତା ନୁହେଁ, ବରଂ ଦୀର୍ଘସ୍ଥାୟୀ ଜଳ ପରିଚାଳନା, ସମୁଦାୟର ଦାୟିତ୍ୱବୋଧ ବୃଦ୍ଧି, ଜଳ ଉତ୍ସର ସ୍ଥାୟିତ୍ୱ ସୁନିଶ୍ଚିତ କରିବା, ଭୂତଳ ଜଳର ସୁଶାସନ ଏବଂ ଜଳବାୟୁ ପରିବର୍ତ୍ତନର ମୁକାବିଲା ନିମନ୍ତେ ସହନଶୀଳତା ବିକାଶ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏଥିସହ ଜଳ, କୃଷି ଓ ଗ୍ରାମୀଣ ଜୀବିକା ମଧ୍ୟରେ ଥିବା ଅନ୍ତର୍ନିହିତ ସମ୍ପର୍କକୁ ମଧ୍ୟ ଗୁରୁତ୍ୱ ଦିଆଯାଇଛି: ଶ୍ରୀ ଶ୍ରୀ ରବିଶଙ୍କର



ପରିବାରର କନ୍ୟାସନ୍ତାନମାନଙ୍କୁ ଉଚ୍ଚଶିକ୍ଷା କ୍ଷେତ୍ରରେ ପ୍ରୋତ୍ସାହିତ କରିବା ପାଇଁ ଚଳିତ ବର୍ଷଠାରୁ 'ମୁଖ୍ୟମନ୍ତ୍ରୀ କନ୍ୟା ସୁମଙ୍ଗଳ ଯୋଜନା' ଆରମ୍ଭ କରାଯାଇଛି, ଯେଉଁଥିରେ ୨୦୨୬ ଏପ୍ରିଲ ପରଠାରୁ ଜନ୍ମିତ ଯୋଗ୍ୟ କନ୍ୟାସନ୍ତାନଙ୍କ ନାମରେ ୨୦ ହଜାର ଟଙ୍କା ଜମା ରଖାଯିବ ଏବଂ ସେ ସ୍ନାତକ ଶିକ୍ଷା ସମାପ୍ତ କରିବା ପରେ ଏକାଥରକେ ୧ ଲକ୍ଷ ୧ ଟଙ୍କା ପାଇପାରିବେ। ଆଗାମୀ ଦିନରେ ସ୍କୁଲ ଓ କଲେଜ ସ୍ତରରେ ସ୍ୱତନ୍ତ୍ର ନିଶା ବିରୋଧୀ ପାଠ୍ୟକ୍ରମ ବା ମଡ୍ୟୁଲ୍ ପ୍ରସ୍ତୁତ କରାଯିବ ଏବଂ ନିଶାର ପ୍ରାରମ୍ଭିକ ଲକ୍ଷଣ ଚିହ୍ନଟ କରିବା ପାଇଁ ଶିକ୍ଷକମାନଙ୍କୁ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି।

କାର୍ଯ୍ୟକ୍ରମରେ ଉପସ୍ଥିତ ଯୁବପିଢ଼ିଙ୍କୁ ଉଦ୍‌ବୋଧନ ଦେଇ ଶ୍ରୀ ଶ୍ରୀ ରବିଶଙ୍କର କହିଛନ୍ତି ଯେ, ଜୀବନରେ ପ୍ରକୃତ ଆନନ୍ଦ ଓ ଉତ୍ସାହ ବାହ୍ୟ କ୍ଷତିକାରକ ନିଶା ଦ୍ରବ୍ୟରୁ ନୁହେଁ, ବରଂ ନିଜ ଭିତରର ଆତ୍ମଶକ୍ତି, ଆତ୍ମଚିନ୍ତନ, ଧ୍ୟାନ ଏବଂ ଯୋଗରୁ ମିଳିଥାଏ। ଯୁବସମାଜ ନିଜର ଅସୀମ ଶକ୍ତିକୁ ରାଷ୍ଟ୍ର ନିର୍ମାଣ ଓ ସମାଜ ସେବାରେ ବିନିଯୋଗ କରିବା ଉଚିତ ବୋଲି ସେ ପରାମର୍ଶ ଦେଇଛନ୍ତି। କାର୍ଯ୍ୟକ୍ରମରେ ଯୋଗଦେଇ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୁବସମାଜର ସାମାଜିକ ଦାୟିତ୍ୱବୋଧ ଉପରେ ଗୁରୁତ୍ୱାରୋପ କରି କହିଛନ୍ତି ଯେ, ଏକ ସୁସ୍ଥ ସମାଜ ଗଠନ କରିବା ନିମନ୍ତେ ଦୃଢ଼ ସଂକଳ୍ପ ନେବା ପାଇଁ ଆଜି ସମସ୍ତେ ଏଠାରେ ଏକତ୍ରିତ ହୋଇଛନ୍ତି। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ ଏବଂ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମର ଏକ ବିଶେଷ ପର୍ଯ୍ୟାୟରେ ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ ଉପସ୍ଥିତ ସମସ୍ତ ଛାତ୍ରଛାତ୍ରୀ, ଯୁବକଯୁବତୀ ଓ ଅତିଥିମାନଙ୍କୁ ନିଶାଠାରୁ ଦୂରେଇ ରହିବା ଏବଂ ଏକ ସୁସ୍ଥ, ନିଶାମୁକ୍ତ ଓ ବିକଶିତ ଓଡ଼ିଶା ଗଠନ କରିବା ପାଇଁ ସାମୂହିକ ଶପଥ ପାଠ କରାଇଥିଲେ।

ଆନ୍ତଃସମ୍ପର୍କ: ବିଭିନ୍ନ କ୍ଷେତ୍ରର ସମନ୍ୱିତ ଆଲୋଚନା" ଶୀର୍ଷକ ପ୍ୟାନେଲ୍ ଆଲୋଚନାରେ ୟୁନିସେଫ୍ ଫିଲ୍ଡ ଅଫିସ୍‌ର ମୁଖ୍ୟ ପ୍ରଶାନ୍ତ କୁମାର ଦାଶ, ହିନ୍ଦୁସ୍ତାନ ୟୁନିଲିଭର ଫାଉଣ୍ଡେସନ୍ ସିଇଓ ଡ. ଶ୍ରମଣ ଝା, ମୋବିୟସ୍ ଫାଉଣ୍ଡେସନ୍ ସିଇଓ ଡ. ରାମ ବୁଜ୍ ଏବଂ ସଷ୍ଟେନେବଲ୍ ଫୁଡ୍, ନ୍ୟାସନାଲ୍ ପ୍ରୋଗ୍ରାମ୍ ଡାଇରେକ୍ଟର ଡ. ଭେଣୁ ମାର୍ଗମ୍, ଏମ୍.ଏସ୍. ସ୍ୱାମୀନାଥନ୍ ରିସର୍ଚ୍ଚ ଫାଉଣ୍ଡେସନ୍ ଅଂଶଗ୍ରହଣ କରିଥିଲେ। ଏହି ଆଲୋଚନାକୁ ଆଇ.ସି .ଏ. ଆର. – ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ୱାଟର ମ୍ୟାନେଜମେଣ୍ଟ ନିର୍ଦ୍ଦେଶକ ଡ. ଅର୍ଜମଦତ୍ତ ସାରଙ୍ଗୀ ପରିଚାଳନା କରିଥିଲେ। ଏହି ଆଲୋଚନାରେ ଜଳବାୟୁର ଅନିଶ୍ଚିତତା ବୃଦ୍ଧି, ଜଳ ସମ୍ପଦ ଉପରେ ବଢୁଥିବା ଚାପ ଏବଂ ବିଭିନ୍ନ କ୍ଷେତ୍ରରେ ଜଳର ଚାହିଦା ଗ୍ରାମୀଣ ଜଳ ସୁରକ୍ଷାକୁ କିପରି ପ୍ରଭାବିତ କରୁଛି ସେ ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ଏହି କାର୍ଯ୍ୟକ୍ରମର ଅନ୍ୟତମ ଆକର୍ଷଣ ଥିଲା "ପ୍ରତ୍ୟେକ ବୁନ୍ଦା ମୂଲ୍ୟବାନ – ସମୁଦାୟର ନେତୃତ୍ୱ ଓ ସ୍ଥାନୀୟ ସମାଧାନ" ଶୀର୍ଷକ ଫାୟାରସାଇଡ୍ ଆଲୋଚନା। ଏଥିରେ ଡକ୍ଟର ଭିନିତା ଏର୍. ଆପ୍‌ଟେ, ପ୍ରତିଷ୍ଠାତା ନିର୍ଦ୍ଦେଶିକା, ଟିଇଆରଇଇ ପଲିସି ସେଣ୍ଟର ଏବଂ ନରେଶ କୁମାର ଅଗ୍ରୱାଲ, ସରପଞ୍ଚ, ଖୋଲାନ, ବଲାଙ୍ଗୀର ଅଂଶଗ୍ରହଣ କରିଥିଲେ। ଏହି ଆଲୋଚନାକୁ ଶୈଫାଲିକା ପଣ୍ଟା, ପ୍ରତିଷ୍ଠାତା ଓ ସିଇଓ, ବଂଶାଧର ଓ ଇଲା ପଣ୍ଟା ଫାଉଣ୍ଡେସନ୍ ପରିଚାଳନା କରିଥିଲେ। ଦୀର୍ଘସ୍ଥାୟୀ ଜଳ ସୁରକ୍ଷା ସୁନିଶ୍ଚିତ କରିବାରେ ସମୁଦାୟର ମାଲିକାନା ଭାବନା ଓ ଅଂଶଗ୍ରହଣର ଗୁରୁତ୍ୱ ଉପରେ ଆଲୋକପାତ କରି ଶ୍ରୀମତୀ ପଣ୍ଟା କହିଥିଲେ, "ଗ୍ରାମୀଣ ଭାରତରେ ଜଳ କୃଷି, ଜୀବିକା, ସ୍ୱାସ୍ଥ୍ୟ ଏବଂ ପରିବାରର ଦୈନନ୍ଦିନ ଜୀବନ ସହ ଗଭୀର ଭାବେ ଜଡ଼ିତ। ଆମକୁ କେବଳ ଜଳ ସମ୍ବନ୍ଧୀୟ ସମାଧାନ ପ୍ରଦାନ କରିବାରୁ ଆଗକୁ ବଢ଼ି ସମୁଦାୟକୁ ନିଜ ଜଳ ସମ୍ପଦର ପରିଚାଳନା କରିବାରେ ସକ୍ଷମ କରିବାକୁ ହେବ। ଭବିଷ୍ୟତ ପିଢ଼ି ପାଇଁ ଜଳ ସଂରକ୍ଷଣକୁ ମୂଲ୍ୟବାନ ମନେ କରିବା ଏବଂ ଏହାର ସାମୂହିକ ଦାୟିତ୍ୱ ନେବା ଦିଗରେ ଆମ ଚିନ୍ତାଧାରାରେ ମୌଳିକ ପରିବର୍ତ୍ତନ ଆଣିବା ଆବଶ୍ୟକ।" ହିନ୍ଦୁସ୍ତାନ ୟୁନିଲିଭର ଫାଉଣ୍ଡେସନ୍‌ର ସିଇଓ ଡ. ଶ୍ରମଣ ଝା କହିଥିଲେ, "ଜଳ ସୁରକ୍ଷା କୌଣସି ଗୋଟିଏ ବିଭାଗ, ଅନୁଷ୍ଠାନ କିମ୍ବା ସରକାରଙ୍କ ଦ୍ୱାରା ହାସଲ କରିବା ସମ୍ଭବ ନୁହେଁ। ଆଇଡିଏଟ ଓ ବିଆଇପିଏଫ୍ ମାଧ୍ୟମରେ ବିଭିନ୍ନ ବିକାଶମୂଳକ ପ୍ରାଥମିକତା ଉପରେ ଅର୍ଥପୂର୍ଣ୍ଣ ଆଲୋଚନା ଓ ବିଭିନ୍ନ କ୍ଷେତ୍ର ମଧ୍ୟରେ ସହଯୋଗ ପାଇଁ ଏକ ମଞ୍ଚ ଯୋଗାଇ ଆସୁଛି। ବିଭିନ୍ନ କ୍ଷେତ୍ରର ଅଭିଜ୍ଞତା ଓ ମତାମତକୁ ଏକତ୍ରିତ କରି ସମୁଦାୟ ସ୍ତରରେ ଦୀର୍ଘସ୍ଥାୟୀ ପ୍ରଭାବ ସୃଷ୍ଟି କରିପାରୁଥିବା ସମାଧାନର ଦିଗ ନିର୍ଦ୍ଧାରଣ କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ।



ଭୁବନେଶ୍ୱର : ଜୟଦେବ ଭବନରେ ଅନୁଷ୍ଠିତ ହରିଷ୍ଚନ୍ଦ୍ର ବକ୍ସିପାତ୍ରଙ୍କ ୯୩ତମ ଜୟନ୍ତୀ ଉତ୍ସବକୁ ପ୍ରଦୀପ ଜାଳି ଉଦ୍‌ଘାଟନ କରୁଛନ୍ତି ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ୍ ଭି. ଗୋପାଳ ଗୌଡ, ଜନତାଙ୍କ ତଥ୍ୟ ଜାଣିବାର ଅଧିକାର ସଂକ୍ରାନ୍ତ ଜାତୀୟ ଅଭିଯାନର ଆବାହକ ମିସ୍ ଅଞ୍ଜଳୀ ଭରଦ୍ୱାଜ, ପିସିସି ସଭାପତି ଭକ୍ତଚରଣ ଦାସ, ପୂର୍ବତନ ଅର୍ଥମନ୍ତ୍ର